بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 18

ସାପ୍ତାହିକ

ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

05 ମଇ 2022 | 05 ହିଜରତ୍ 1401 ହି.ଶ | 03 ଶୱାଲ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اَلَّذِیۡنَ اٰتَیۡنٰہُمُ الۡکِتٰبَ یَتۡلُوۡنَہٗ حَقَّ تِلَاوَتِہٖ ؕ اُولٰٓئِکَ یُؤۡمِنُوۡنَ بِہٖ ؕ وَمَنۡ یَّکۡفُرۡ بِہٖ فَاُولٰٓئِکَ ہُمُ الۡخٰسِرُوۡنَ

(البقرہ:122)

ଅନୁବାଦ- ଆମ୍ଭେ ଯେଉଁମାନଙ୍କୁ (ଧର୍ମ)ଗ୍ରନ୍ଥ ଦେଇଅଛୁ ସେମାନେ ତାହାର (ସେହିପରି) ଅନୁସରଣ କରୁଛନ୍ତି ଯେପରି ତାହାର ଅନୁସରଣ କରାଯିବା କଥା; ସେମାନେ ତହିଁରେ (ଦୃଢ଼) ବିଶ୍ୱାସ କରୁଛନ୍ତି; ବରଂ ଯେଉଁମାନେ ତାହାକୁ ଅବିଶ୍ୱାସ କରୁଛନ୍ତି ସେମାନେ ହିଁ କ୍ଷତିଗ୍ରସ୍ତ ହେବେ ।

*(ସୁରଃ ଅଲ ବକରା: ୧୨୨)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ମଣିଷ ପାଇଁ ଏହା ଜରୁରୀ ଯେ ସେ ନିଜକୁ ନିଜେ ନିଜ ଉପରେ ଦୟା ନକରୁ ବରଂ ସେ ନିଜକୁ ଏପରି କରିଦେଉ ଯେ ଖୁଦାତାଲା ତା ଉପରେ (ଆପେ ଆପେ)ଦୟା କରିବେ କାରଣ ମଣିଷ ତା ନିଜ ଉପରେ ନିଜକୁ ନିଜେ ଦୟା କରିବା ଫଳରେ ଏହା ତା ନିଜ ପାଇଁ ଜହନ୍ନୁମ୍ (ନର୍କ) ହୋଇଥାଏ ଯେବେକି ଖୁଦାତାଲାଙ୍କ ଦୟା ତାପାଇଁ ଜନ୍ନତ(ବୈକୁଣ୍ଠ) ହୋଇଥାଏ**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଏହା ଏକ ସୂକ୍ଷ୍ମ ବିଷୟ ଯେ ଯଦି ଜଣେ ଲୋକକୁ (ତା ନିଜର ଅବହେଳା ପାଇଁ) ରୋଜା ରଖିବା କଷ୍ଟକର ଓ ସେ ମନେ ମନେ ଏହା ଭାବିଥାଏ ଯେ ମୁଁ ବେମାର ଅଛି ଓ ମୋ ସ୍ୱାସ୍ଥ୍ୟାବସ୍ଥା ଏମିତି ଅଛି ଯେ ଯଦି ମୁଁ ଗୋଟିଏ ବେଳା ନଖାଏ,ତାହେଲେ ଅମୁକ ରୋଗରେ ଆକ୍ରାନ୍ତ ହୋଇଯିବି,ଏମିତି ହୋଇଯିବ ବା ସେମିତି ହୋଇଯିବ । ତାହେଲେ ଏପରି ଲୋକ ଯିଏ ଖୁଦାତାଲାଙ୍କ ପ୍ରସାଦ(କଲ୍ୟାଣ)କୁ ନିଜେ ନିଜ ଉପରେ କଷ୍ଟସାଧ୍ୟ ବୋଲି ଭାବିନେଇଥାଏ ସେ କେବେ ସେହି ପୂଣ୍ୟର ଅଧିକାରୀହୋଇପରିବ କି ? ହଁ ଏପରି ବ୍ୟକ୍ତି ଯାହାର ମନ ଏଇଥି ପାଇଁ ବହୁତ ଖୁସି ଯେ ରମଜାନ ଆସିଯାଇଛି ଓ ମୁଁ ତା ଅପେକ୍ଷରେ ଥିଲି ଯେ ତାହା ଆସିଲେ ମୁଁ ରୋଜା ରଖିବି,କିନ୍ତୁ ସେହି ଲୋକଟି ଯଦି ବେମାର ପଡିଯାଏ ଓ ରୋଜା ରଖିପାରେ ନାହିଁ , ତାହେଲେ ଏପରି ବ୍ୟକ୍ତି ଆକାଶରେ ରୋଜାରୁ ବଂଚିତ ହେବ ନାହିଁ । ଏ ଦୁନିଆରେ ଅନେକ ଲୋକ ବାହାନା କରିଥାନ୍ତି ଓ ଭବିଥାନ୍ତି ଯେ ସେମାନେ ଯେଉଁଭଳି ଏ ଦୁନିଆର ଲୋକମାନଙ୍କୁ ଧୋକା ଦେଉଛନ୍ତି ସେହିଭଳି ଖୁଦା ତାଲାଙ୍କୁ ବି ଧୋକା ଦେଇଦେବେ । ବାହାନା କରୁଥିବା ଲୋକ ନିଜ ମନରୁ ଏମିତି ମନଗଢା କଥା ଭାବି ନିଜେ ହିଁ ତାହାର ସମାଧାନର ରାସ୍ତା ମଧ୍ୟ ବାହାର କରିଦେଇଥାଏ । ଯେବେକି ଖୁଦାତାଲାଙ୍କ ନିକଟରେ ତାହା ଠିକ୍ ନୁହେଁ । ଏମିତି ମନଗଢା ଚିନ୍ତାଧାରାର କ୍ରମ ବହୁତ ବ୍ୟାପକ । ଯଦି ମଣିଷ ଚାହିଁବ ତାହେଲେ ଏମିତି (ଚିନ୍ତାଧାରା)ରଖି ସାରା ଜୀବନ ବସି ନମାଜ ପଢୁଥାଉ ବା ରମଜାନର ରୋଜା ବିଲକୁଲ୍ ନରଖୁ କିନ୍ତୁ ଖୁଦାତାଲା ତା ନିୟତକୁ ଓ ତାର ଉଦ୍ଦେଶ୍ୟକୁ ଭଲଭାବରେ ଜାଣିଛନ୍ତି । ଯିଏ ସତ୍ୟନିଷ୍ଠା ଓ ଆନ୍ତରିକତା ରଖିଛି ଖୁଦାତାଲା ତା ନିୟତକୁ ଓ ତାର ଉଦ୍ଦେଶ୍ୟକୁ ଭଲଭାବରେ ଜାଣିଛନ୍ତି ଯେ ତା ହୃଦୟରେ ଦରଦ ଅଛି ତେଣୁ ଖୁଦାତାଲା ତାକୁ ପୁଣ୍ୟରୁ ଅଧିକା ଭାଗ ଦେଇଥାନ୍ତି କାରଣ ଦରଦପୂର୍ଣ୍ଣ ହୃଦୟ ଏକ ମୂଲ୍ୟବାନ ଜିନିଷ । ବାହାନାବାଜ୍ ମଣିଷ ତାୱିଲ୍ (ଅର୍ଥାତ ବ୍ୟାଖ୍ୟା ଓ ମନମୁତାବକ ଅର୍ଥ ବାଢିବା) ଉପରେ ନିର୍ଭର କରିଥାଏ କିନ୍ତୁ ଖୁଦାତାଲାଙ୍କ ନିକଟରେ ଏପରି କରିବା କିଛି ମାନେ ରଖେ ନାହିଁ । ଯେବେ ମୁଁ ଛଅ ମାସ ପର୍ଯ୍ୟନ୍ତ ରୋଜା ରଖିଥିଲି, ସେତେବେଳେ ଥରେ ମୁଁ ଅମ୍ବିୟାମାନଙ୍କର ଗୋଟିଏ ଗୋଷ୍ଠୀକୁ (କଶଫ୍ ଅର୍ଥାତ ଜଗ୍ରତ ଅବସ୍ଥାରେ ଏକ ଅଲୌକିକ ଦୃଶ୍ୟ ଜରିଆରେ)ସାକ୍ଷାତ କଲି । ସେମାନେ କହିଲେ ଯେ ତୁମେ କାହିଁକି ନିଜକୁ ଏତେ କଷ୍ଟରେ ପକାଇଛ, ଏଥିରୁ ବାହାରି ଆସ । ସେହିପରି ଯେବେ ମଣିଷ ନିଜକୁ ଖୁଦାଙ୍କ ପାଇଁ କଷ୍ଟରେ ପକାଇଥାଏ ,ସେତେବେଳେ ସେ ସ୍ୱୟଂ ମାଆ ବାପାଙ୍କ ପରି କରୁଣା (ଦୟା)କରି ତାକୁ କହିଥାଏ ଯେ ତୁ କାହିଁକି କଷ୍ଟରେ ପଡିକି ରହିଛୁ ।

**ଖୁଦାତାଲାଙ୍କ ଦୟା**

ଏମାନେ ଏମିତି ଲେକେ,ଯେଉଁମାନେ ନିଜ ମନମୁତାବକ ବ୍ୟାଖ୍ୟା କରି ନିଜକୁ କଷ୍ଟ (ଓ ପରିଶ୍ରମ)ରୁ ବଂଚାଇ ରଖୁଛନ୍ତି । ସେଥିଯୋଗୁଁ ଖୁଦାତାଲା ସେମାନଙ୍କୁ ଅନ୍ୟାନ୍ୟ କଷ୍ଟରେ ପକାଇଦେଇଥାନ୍ତି ଓ ବାହାର କରନ୍ତି ନାହିଁ । ବାକି ଯେଉଁମାନେ ନିଜକୁ (ଖୁଦାତାଲାଙ୍କ ଖାତିର୍)ଅସୁବିଧାରେ ଓ କଷ୍ଟରେ ପକାଇ ଥାଏ ସେ ତାକୁ ସ୍ୱୟଂ ସେଥିରୁ ବାହାର କରିଥାନ୍ତି । ମଣିଷ ପାଇଁ ଏହା ଜରୁରୀ ଯେ ସେ ନିଜକୁ ନିଜେ ନିଜ ଉପରେ ଦୟା ନକରୁ ବରଂ ସେ ନିଜକୁ ଏପରି କରିଦେଉ ଯେ ଖୁଦାତାଲା ତା ଉପରେ (ଆପେ ଆପେ)ଦୟା କରିବେ କାରଣ ମଣିଷ ତା ନିଜ ଉପରେ ନିଜକୁ ନିଜେ ଦୟା କରିବା ଫଳରେ ଏହା ତା ନିଜ ପାଇଁ ଜହନ୍ନୁମ୍ (ନର୍କ) ହୋଇଥାଏ ଯେବେକି ଖୁଦାତାଲାଙ୍କ ଦୟା ତାପାଇଁ ଜନ୍ନତ(ବୈକୁଣ୍ଠ) ହୋଇଥାଏ । । ଇବ୍ରହିମ ଆ ସ ଙ୍କ କାହଣୀ ଉପରେ ଚିନ୍ତା କରି ଦେଖନ୍ତୁ ଯେ ଯେଉଁ ଲୋକମାନେ ଅଗ୍ନିରେ ପଡିବାକୁ ଚାହୁଁଛନ୍ତି ସେମାନଙ୍କୁ ଖୁଦାତାଲା ଅଗ୍ନିରୁ ବଂଚାଇଥାନ୍ତି କିନ୍ତୁ ଯେଉଁମାନେ ନିଜକୁ ନିଜେ ନିଆଁରୁ ବଂଚିବାକୁ ଚାହିଁଥାନ୍ତି,ସେମାନଙ୍କୁ ନିଆଁରେ ପକାଯାଇଥାଏ ।

***(ମଲଫୁଜାତ୍ ଗ୍ରନ୍ଥ ଖଣ୍ଡ-୨ ପୃ-୫୬୪ ମୁଦ୍ରିତ କାଦିଆନ୍ ୨୦୦୩)***

⌘⌘⌘⌘⌘⌘⌘⌘⌘⌘⌘

## ନବୀ ସ:ଆ:ସଙ୍କ ବାଣୀ

### ସହ୍‌ରୀ ଖାଇବାରେ କଲ୍ୟାଣ

*(୧୯୨୩) ହଜରତ୍ ଅନସ୍ ବିନ୍ ମାଲିକ୍ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ ଆ ସ କହିଲେ :-ସହରୀ ଖାଅ କାରଣ ସହରୀ ଖାଇବାରେ କଲ୍ୟାଣ ରହିଛି ।*

### ଭୂଲବଶତଃ ଖାଇ ପିଇ ଦେଇଥିବା ବ୍ୟକ୍ତି ନିଜର ରୋଜା ପୂରଣ କରୁ ।

*(୧୯୩୩) ହଜରତ୍ ଅବୁ ହୁରୈରାଃ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ନବି କରିମ୍ ସ ଆ ସ କହିଲେ :-ଯଦି ଜଣେ ଭୂଲରେ* ଖାଇଦିଏ ବା ପିଇଦିଏ ତାହେଲେ ବି ସେ ନିଜର ରୋଜା ପୁରଣ କରୁ କାରଣ ଅଲ୍ଲାଃ ତାଲା ହିଁ ତାକୁ ଖୁଆଇଛନ୍ତି ଓ ପିଆଇଛନ୍ତି ।

### ସଫର୍ (ଯାତ୍ରା)ରେ ଥିବା ଅବସ୍ଥାରେ ରୋଜା ରଖିଲେ କୌଣସି ପୁଣ୍ୟ ନାହିଁ ।

*(୧୯୪୬)ହଜରତ୍ ଜାବିର୍ ବିନ୍ ଅବଦୁଲ୍ଲାଃ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ:-*ନବି କରିମ୍ ସ ଆ ସ ଏକଦା ସଫର୍ ରେ ଥିଲେ ଯେ ମହାଭାଗ ସ ଆ ସ*ଦେଖିଲେ ଯେ ଦଳେ ଲୋକ ଗୋଟିଏ ଲୋକକୁ ଘେରି ରହିଛନ୍ତି ଓ ତାକୁ ଛାଇ କରିଛନ୍ତି* ନବି କରିମ୍ ସ ଆ ସ ପଚାରିଲେ ଏଠାରେ କଣ ଚାଲିଛି ? ଲୋକମାନେ କହିଲେ ଇଏ ଜଣେ ରୋଜାଦାର୍ । ଏଥିରେ ନବି କରିମ୍ ସ ଆ ସ କହିଲେ ସଫର୍ ରେ ଥିବା ବେଳେ ରୋଜା ରଖିଲେ କୌଣସି ପୁଣ୍ୟ ନାହିଁ ।

***(ସହି ବୁଖାରୀ, ଖଣ୍ଡ-୩, କିତାବୁସ୍ ସୌମ୍, ମୁଦ୍ରିତ କାଦିଆନ୍ ୨୦୦୮)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ଆଉ କେତେକ ବର୍ଣ୍ଣନା ଅନୁଯାୟୀ କେତେକ ସାହାବା ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ପରାମର୍ଶ ଦେଲେ ଯେ ଯେଉଁମାନେ ଜକାତ୍ ଦେବାକୁ ଅସ୍ୱୀକାର କରୁଛନ୍ତି ସେମାନଙ୍କୁ ତାଙ୍କ ଅବସ୍ଥାରେ ଛାଡ଼ି ଦିଅନ୍ତୁ ବରଂ ତାଙ୍କ ସହିତ ପ୍ରିତିସମ୍ପର୍କ ରକ୍ଷା କରନ୍ତୁ ଯଦ୍ୱାରା ବିଶ୍ୱାସ ସେମାନଙ୍କ ଅନ୍ତରରେ ପ୍ରବିଷ୍ଟ ହୋଇଯିବ ଏବଂ ସେମାନେ ଜକାତ୍ ଦେବାକୁ ରାଜି ହୋଇଯିବେ । ସେମାନଙ୍କ ପ୍ରସଙ୍ଗରେ ବଡ଼ ବଡ଼ ସାହାବାମାନଙ୍କଠାରୁ ପରାମର୍ଶ ନେବା ପରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ କହିଲେ ଅଲ୍ଲାଃଙ୍କ ରାଣ ! ଯଦି ଜକାତ୍ ଦେବାର ଅମାନ୍ୟକାରୀ ଗୋଟିଏ ରସି ମଧ୍ୟ ମତେ ଦେବାକୁ ମନା କରନ୍ତି ଯାହାକି ସେମାନେ ହଜୁର ସ:ଆ:ସଙ୍କ ଯୁଗରେ ପଇଠ କରୁଥିଲେ ତଥାପି ସେହି ସାମାନ୍ୟତମ ସାମଗ୍ରୀ ପାଇଁ ମଧ୍ୟ ମୁଁ ସେମାନଙ୍କ ସହିତ ଯୁଦ୍ଧ କରିବି । *(ହଜରତ ସୟଦନା ଅବୁ ବକର୍....... ପୃ-୧୩୫, ୧୩୬....... ଲାହୋର୍)*

ବୁଖାରୀର ବର୍ଣ୍ଣନା ଅନୁଯାୟୀ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରିଛନ୍ତି: ହଜରତ ଉମର ର:ଅ କୁହନ୍ତି ହଜୁର ସ:ଆ:ସ ଆଦେଶ ଦେଇଥିଲେ ଯେ ମୁଁ ସେହି ଲୋକମାନଙ୍କ ସହିତ ସେପର୍ଯ୍ୟନ୍ତ ଲଢ଼ିବି ଯେପର୍ଯ୍ୟନ୍ତ ସେମାନେ ଲା ଇଲାହା ଇଲ୍ଲଲ୍ଲାହୁର ସାକ୍ଷ୍ୟ ଦେଇନାହାନ୍ତି । ହଜରତ ଅବୁ ବକର୍ ର:ଅ କହିଲେ:- ଯେ ନମାଜ ଓ ଜକାତ୍ ମଧ୍ୟରେ ଫରକ୍ କଲା କାରଣ ଜକାତ୍ ଅର୍ଥର ଆମଦାନୀ ଅଧିକାର ଏପରି କି ଯଦି ସେ ଛେଳିର ଛୁଆ ମଧ୍ୟ ନ ଦେଲେ ତଥାପି ମୁଁ ସେମାନଙ୍କ ସହିତ ସଂଘର୍ଷ ଅଭ୍ୟାହତ ରଖିବି । ଉମର ର:ଅ କୁହନ୍ତି ପ୍ରଭୁଙ୍କ ରାଣ ! ଏହା ଘଟିଲା ନାହିଁ କିନ୍ତୁ ପରମେଶ୍ୱର ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ହୃଦୟକୁ ଉନ୍ମୁକ୍ତ କରିଦେଲେ ମୁଁ ଜାଣିଗଲି ଯେ ସେ ସତ୍‌ପଥରେ ଅଛନ୍ତି ।*(ସହି ବୁଖାରୀ କିତାବୁଲ୍ ଜକାତ୍..... ହଦିସ୍ ନଂ-୧୩୯୯, ୧୪୦୦)* ଅର୍ଥାତ ହଜରତ ଉମର୍ ର:ଅଙ୍କୁ ପରେ ଏକଥା ସ୍ୱୀକାର କରିବାକୁ ପଡ଼ିଲା ଯେ ହଜରତ ଅବୁ ବକର୍ ର:ଅ ଠିକ୍ କହୁଥିଲେ ।

ହଜରତ ସୟଦ୍ ଜଇନୁଲ୍ ଆବେଦୀନ୍ ୱଲିଅଲ୍ଲଶଃ ଶାହ୍ ସାହେବ୍ ଏହି ହଦିସ୍‌ର ବ୍ୟାଖ୍ୟା କରି ଆଲୋକ ପାତ କରି ଲେଖିଛନ୍ତି ଯେ ଜଣେ ବ୍ୟକ୍ତି **ଲା ଇଲାହା ଇଲ୍ଲଲ୍ଲା** ର ସାକ୍ଷ୍ୟ ଦେଇ ଯଦି ଇସ୍‌ଲାମୀୟ ନୀତି ଶିକ୍ଷାର ପାଳନ କରୁନାହିଁ ତେବେ ତାକୁ ପଚରାଯିବ ଓ ତାକୁ ଜଣେ ଅଭିଯୁକ୍ତ ଭାବରେ ସାବ୍ୟସ୍ତ କରାଯିବ । କେବଳ ବିଶ୍ୱାସ ସ୍ଥାପନ କରିନେଲେ ଶାସ୍ତିରୁ ବର୍ତି ଯାଇପାରିବ ନାହିଁ । ଇସ୍ଲାମ୍‌ର ଦୁଇଟି ଅର୍ଥ ହୋଇପାରେ ପ୍ରଥମେ ଇସ୍‌ଲାମୀୟ ଅଧିକାର ସମ୍ପର୍କୀତ ଯାହାକି ବହୁବଚନୀୟ ଅର୍ଥ ପ୍ରଦାନ କରିଥାଏ । ଦ୍ୱିତୀୟ ଇସ୍‌ଲାମ୍ ଯେଉଁ ସ୍ଥଳେ ସେମାନଙ୍କ ଧନଜୀବନର ତ୍ୟାଗ କରିବାକୁ ଆବଶ୍ୟକ ବୋଲି ଦର୍ଶାଇଛି ଏବଂ ଏହା ସାମୁହିକ ସ୍ଥଳେ ବ୍ୟବହାର ହୋଇଥାଏ । *(ସହି ବୁଖାରୀ, କିତାବୁଲ୍ ଇମାନ୍, ଖଣ୍ଡ-୧, ପୃ-୬୫)*

ସମ୍ପ୍ରଦାୟର ସୁରକ୍ଷା ସେମାନଙ୍କ କର୍ତବ୍ୟ ସମ୍ପାଦନ ଉପରେ ନିର୍ଭରଶୀଳ ଯେପରି ଟ୍ୟାକ୍ସ ନଦେଲେ ସମ୍ପୃକ୍ତ ବ୍ୟକ୍ତିକୁ ବିଦ୍ରୋହୀ ଓ ଦଣ୍ଡ ପାଇବା ଉପଯୋଗୀ ବୋଲି ବିବେଚିତ କରାଯାଇଥାଏ ସେହିପରି ଜକାତ୍ ପଇଠ ନ କରୁଥିବା ବ୍ୟକ୍ତି ସେହ ଶ୍ରେଣୀୟ ଅର୍ନ୍ତଭୁକ୍ତ । ପ୍ରଥମେ ହଜରତ ଉମର ର:ଅ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସହିତ ଏକମତ ନଥିଲେ କିନ୍ତୁ ଯେତେବେଳେ ଇଲ୍ଲା ବିହକ୍‌କିହି ଶବ୍ଦ ସହିତ ତୁଳନା କଲେ ସେତେବେଳେ ତାଙ୍କ ରାୟ ପରିବର୍ତନ ହୋଇଯାଇଥିଲା ଏବଂ ସେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ମତରେ ଏକମତ ହୋଇ ତାହା ସ୍ୱୀକାର କରିନେଇଥିଲେ । ଏହି ଘଟଣାରୁ ପ୍ରକାଶ ହେଉଛି ଯେ କେବଳ ମୁହଁରୁ **ଲା ଇଲାହା ଇଲ୍ଲଲ୍ଲା**ର ଆବୃତି କରିଦେଲେ ତୁମର ଅମଳ ଉତମ ପାଲଟି ଯିବନାହିଁ ବରଂ ଯେପରି କି ଅଲ୍ଲାଃ କହିଛନ୍ତି ଯଦି ସେମାନେ କ୍ଷମାଜାଚନା କରିନିଅନ୍ତି, ନମାଜ ପାଠ କରନ୍ତି, ଜକାତ୍ ଦିଅନ୍ତି ତେବେ ସେମାନେ ତୁମର ଧାର୍ମିକ ଭାଇ । ତେଣୁ ସେମାନଙ୍କଠାରୁ ତୁମେ ମୁହଁମୋଡ଼ି ନିଅନାହିଁ ।

ଏଥିରୁ ପ୍ରମାଣିତ ହେଉଛି ଯେ ଏହି ତିନୋଟି ଆଦେଶ ମଧ୍ୟରୁ କୌଣସି ଗୋଟିକର ଅବଜ୍ଞାକାରୀ ମୁସଲମାନ ନୁହେଁ । ତେଣୁ ଇସ୍‌ଲାମୀୟ ପାଂଚ ଅର୍‌କାନ୍‌ର ପାଳନ କରିବା ଅନିବାର୍ଯ୍ୟ । ସ୍ୱୟମ ହଜୁର ସ:ଆ:ସ କହିଛନ୍ତି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା ଓ ସେହି ରାଶି ଉପରେ ସମାଜରେ ଥିବା ଦୁର୍ବଳ ଶ୍ରେଣୀଙ୍କର ଅଧିକାର ରହିଛି । ଅର୍ଥାତ ଯେ ସବଳ ବ୍ୟକ୍ତି ସେ ଦୁର୍ବଳର ସାହାଯ୍ୟ କରିବା ସ୍ଥଳରେ ହିଁ ତାହାର ଅଧିକାର ସୁରକ୍ଷିତ ହୋଇଥାଏ । ଏହି ସୁତ୍ର ପ୍ରତି କେବଳ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ଦୃଷ୍ଟି ନିକ୍ଷେପ ହୋଇଥିଲା ଏବଂ ଏଥିରୁ ତାଙ୍କ ବୁଦ୍ଧିମତାର ପ୍ରମାଣ ମିଳୁଅଛି । ତେଣୁ ସେ କହିଲେ, ଜକାତ୍ ଦେବାକୁ ଅସ୍ୱୀକାର କରିବା ଦ୍ୱାରା ଜଣେ ବିଦ୍ରୋହୀ ହୋଇଥାଏ ଏବଂ ଏପରି ସ୍ଥଳେ ସେ ଜଣେ ମୁସଲମାନ ରହିନଥାଏ ତେଣୁ ସେଥିପାଇଁ ତା ସହିତ ଯୁଦ୍ଧ କରିବି । ତାକୁ କଦାପି କ୍ଷମା କରିବିନାହିଁ ଯେପର୍ଯ୍ୟନ୍ତ କି ସେ ଜକାତ୍ ଦେବାପାଇଁ ରାଜି ହୋଇଯାଇନାହିଁ । ତେଣୁ ତାହା ସହିତ ଆମର ମୁକାବିଲା କରିବା ଜରୁରୀ । ନିଃସନ୍ଦେହ ରୂପେ ଇସ୍‌ଲାମ୍ ଲା ଇକ୍‌ରାହା ଫିଦ୍ଦିନ୍ ଅର୍ଥାତ ଧର୍ମମାର୍ଗରେ କୌଣସି ବାଧ୍ୟବାଧକତା ନାହିଁ ଏହି ଉପଦେଶ ଦ୍ୱାରା ଧର୍ମ ସଂକ୍ରାନ୍ତରେ ସ୍ୱାଧିନତା ପ୍ରଦାନ କରିଅଛି । କିନ୍ତୁ ଯେ ନିଜକୁ ମୁସଲମାନ ହେବାର ଘୋଷଣା କରି ଇସ୍‌ଲାମିକ୍ ସୋସାଇଟ୍‌ରେ ସାମିଲ ରହିଥାଏ ଓ ସେଥିରୁ ଉପକୃତ ହୋଇଥାଏ ଅର୍ଥାତ ସାମୁହିକ ଅଧିକାରରୁ ଫଳପ୍ରଦ ହୁଏ କିନ୍ତୁ ଯେଉଁ କର୍ତବ୍ୟ ସମ୍ପାଦନ ପ୍ରତି ଇସ୍‌ଲାମ୍ ତାହାକୁ ନିର୍ଦ୍ଦେଶ ଦେଇଥାଏ ତାହାର ପାଳନ କରେନାହିଁ, ତେବେ ଏପରି ବ୍ୟକ୍ତି ସାମୁହିକ ସୁରକ୍ଷା ଓ ଅନ୍ୟାନ୍ୟ ଅଧିକାର ପାଇବା ଯୋଗ୍ୟ ନୁହେଁ । ବିଶ୍ୱରେ କୌଣସି ପ୍ରଶାସନ ତାହାର ନିୟମ ଉଲ୍ଲଂଘନକାରୀ ଓ ବିଦ୍ରୋହୀକୁ କଦାପି ସହ୍ୟ କରିନଥାଏ । ଇସ୍‌ଲାମୀୟ ଜକାତ୍ ବ୍ୟବସ୍ଥା ବାସ୍ତବପକ୍ଷେ ସାମୁହିକ ଉପକାର ନିମନ୍ତେ ପ୍ରଚଳିତ । କୌଣସି ଗୋଟିଏ ଲୋକ ପାଇଁ ନୁହେଁ ଏହାର ପରିଣାମ ମଧ୍ୟ ସମାଜ ସହିତ ସଂଶ୍ଳିଷ୍ଟ କୌଣସି ବ୍ୟକ୍ତି ବିଶେଷ ସହିତ ନୁହେଁ ।" *(ସହି ବୁଖାରୀ..... ଖଣ୍ଡ-୩, ପୃ-୧୪,୧୫)*

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ ଉମର ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍‌ଙ୍କ ଖଲିଫା ! ଲୋକମାନଙ୍କ ସହିତ ନମ୍ର ଓ ସ୍ନେହ ଶ୍ରଦ୍ଧା ପ୍ରଦର୍ଶନ କର ଏଥିରେ ଆପଣ ର:ଅ ହଜରତ ଉମର ର:ଅଙ୍କୁ କହିଲେ ଅନ୍ଧକାର ଯୁଗରେ ତ ତମେ ଅତ୍ୟନ୍ତ ବୀର ବ୍ୟକ୍ତି ଥିଲ କିନ୍ତୁ ଏବେ କଣ ହୋଇଯାଇଛି ? ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ ତୁମେ ଏପରି କାପୁରୁଷତା ପ୍ରଦର୍ଶନ କରୁଛ । *(ମିଶ୍‌କାତୁଲ୍ ମସାବିହ୍, ଖଣ୍ଡ-୨..... ହଦିସ୍ ୬୦୨୪, ପୃ-୪୯୨.....)*

ଜକାତ୍ ଦେବାର ଅମାନ୍ୟକାରୀଙ୍କ ପ୍ରତିକ୍ରୀୟା ସେମାନଙ୍କ ସହିତ ଯୁଦ୍ଧ ଓ ତାହାର ପରିଣାମର ଚର୍ଚ୍ଚା ମୁଁ ଆସନ୍ତା ସପ୍ତାହରେ କରିବି ଇନ୍‌ଶାଅଲ୍ଲାଃ । ଆଜି ପୁନଶ୍ଚ ମୁଁ ବିଶ୍ୱର ଉତ୍କଟ ପରିସ୍ଥିତି ପ୍ରସଙ୍ଗରେ ପୁଣି ଥରେ ଜମାତ୍‌କୁ ଦୁଆ କରିବାପାଇଁ ଆହ୍ୱାନ ଜଣାଉଛି । ଅଲ୍ଲାଃ ତାଲା ଉଭୟ ପକ୍ଷର ପ୍ରଶାସନକୁ ସଦ୍‌ବୁଦ୍ଧି ପ୍ରଦନା କରନ୍ତୁ । ଏମାନେ ସରଳ ନିର୍ଦ୍ଦୋଶ ଲୋକମାନଙ୍କ ରକ୍ତ ବୁହାଇବାରୁ ନିବୃତ ରୁହନ୍ତୁ । ମୁସଲମାନମାନଙ୍କ ମଧ୍ୟ ଏହି ଯୁଦ୍ଧରୁ ଶିକ୍ଷା ହାସଲ କରିବା ଉଚିତ ଯେ ଦେଖ କିଭଳି ଏମାନେ ଏକ ହୋଇଯାଇଛନ୍ତି କିନ୍ତୁ ମୁସଲମାନମାନେ ଏକ ପ୍ରକାର କଲମା ପଢ଼ିବା ସତ୍ୱେ ମଧ୍ୟ କଦାପି ଏକ ହେଉନାହାନ୍ତି । ସେମାନେ ମୁସଲମାନମାନଙ୍କ ଗୋଟିଏ ପରେ ଗୋଟିଏ ଦେଶ ଯେପରି ଇରାକ୍, ସିରିୟା ଓ ୟମନ୍ ଦେଶ ଧ୍ୱଂସ କରିଚାଲିଛନ୍ତି ଏବଂ କେତେବେଳେ ଅନ୍ୟମାନଙ୍କ ଦ୍ୱାରା ତ ଆଉ କେତେବେଳେ ସ୍ୱୟମ ଧ୍ୱଂସ କରାଉଛନ୍ତି ତଥାପି ମୁସଲମାନ ରାଷ୍ଟ୍ରମାନେ ଏକ ହୋଇପାରୁନାହାନ୍ତି । ଏବେ ମୁସଲମାନମାନେ ଏହି ଏକତା ରକ୍ଷା କରିବାର ଶିକ୍ଷା ସେହି ପାଶ୍ଚାତ୍ୟ ସଭ୍ୟତା ମାନଙ୍କଠାରୁ ଶିଖିବା ଉଚିତ ।

ଅଲ୍ଲାଃ ତାଲା ମୁସଲମାନ ଜାତି ଉପରେ ଦୟା ପରବେଶ ହୁଅନ୍ତୁ ଏବଂ ଏହା କେବଳ ସେତିକିବେଳେ ସମ୍ଭବ ଯେତେବେଳେ ସେମାନେ ଯୁଗାବତାରଙ୍କୁ ସ୍ୱୀକାର କରିନେବେ ଯାହାଙ୍କୁ ପ୍ରଭୁ ଏହି ଉଦ୍ଦେଶ୍ୟ ପୂରଣ କରିବାପାଇଁ ପ୍ରେରଣ କରିଛନ୍ତି । ଅଲ୍ଲାଃ ତାଲା ମୁସଲମାନ ମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଯେଉଁ ସ୍ଥଳେ ସେମାନେ ନିଜ ଅବସ୍ଥା ସଂଶୋଧନ କରିବେ ସେହି ସ୍ଥଳେ ସମଗ୍ର ବିଶ୍ୱବାସୀଙ୍କ ପାଇଁ ମଧ୍ୟ ଦୁଆ ପ୍ରାର୍ଥନା କରିବେ ତଥା ନିଜ ସାମର୍ଥ୍ୟ ଓ ନିଜ ସାଧନ ବିନିଯୋଗ କରି ସଂସାରକୁ ଏହି ଯୁଦ୍ଧର ମହା ବିପତି ରକ୍ଷା କରିବେ ନା କି ସ୍ୱୟମ ଏହି ବିଭିଷିକାରେ ସାମିଲ ହୋଇଯିବେ ବା ସାମିଲ ହୋଇଯାଆନ୍ତୁ ।

ଖୁତ୍‌ବାର ଶେଷରେ ମୁଁ ଶ୍ରୀମାନ୍ ସୟଦନା କୈସ୍‌ରା ଜଫର୍ ହାସ୍‌ମି ସାହେବା ପତ୍ନୀ ଶ୍ରୀମାନ୍ ଜଫର୍ ଇକ୍‌ବାଲ୍ ହାଶ୍‌ମି ସାହେବଙ୍କର ଉତମ ଚରିତ୍ର ତଥା ତାଙ୍କ ଯନାଜାଃ ଗାଏବ ପାଠ କରିବାର ଘୋଷଣା କରୁଛି । ବିଗତ ଦିନ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହେ ରାଜେଉନ୍ ।** ମୃତକ ହଜରତ ମସିହ ମଉଦ ଆ:ସଙ୍କର ସାହାବି ହଜରତ ସୟଦ୍ ମୁହମ୍ମଦ ଅଲୀ ବୁଖାରୀ ସାହେବଙ୍କର ନାତୁଣୀ ଥିଲେ । ୧୯୬୧ ମସିହାରେ ତାଙ୍କର ବିବାହ ବନ୍ଧନ ହୋଇଥିଲା ଏବଂ ୧୯୮୧ ମସିହାରେ ସେ ଅଲାମା ଇକ୍‌ବାଲ୍ ଟାଉନ୍ ଲାହୋର୍ ସିଫ୍ଟ କରିଯାଇଥିଲେ । ସେ ଜମାତ୍‌ର ଅନେକ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଯେପରି କି ଲଜ୍‌ନା ଇମାଉଲ୍ଲାଃର ସଦର ଓ ସେକ୍ରେଟାରୀ ପଦବୀରେ ରହି ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଅଲ୍ଲାଃ ତାଲା ତାଙ୍କ ଉପରେ ମଧ୍ୟ ଦୟା ପରବେଶ ହୁଅନ୍ତୁ ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କ ପରିବାରେ ତାଙ୍କ ସ୍ୱାମୀଙ୍କ ବ୍ୟତୀତ ତାଙ୍କର ପାଂଚଜଣ ପୁତ୍ର ଓ ଜଣେ ପୁତ୍ରୀ ଅଛନ୍ତି । ତାଙ୍କର ଜଣେ ପୁଅ ମୁହମ୍ମଦ ଇକ୍‌ବାଲ୍ ହାଶ୍‌ମି ସାହେବ୍ ଅସିରାନେ ରାହେ ମୌଲା (ଅର୍ଥାତ ଅଲ୍ଲାଃଙ୍କ ଖାତିର୍ ଜେଲ୍ ଦଣ୍ଡ ଭୋଗୁଥିବା ବ୍ୟକ୍ତି) ଅଛନ୍ତି । ଯିଏ ଆଜିକାଲି କ୍ୟାମ୍ପ ଜେଲ୍ ଲାହୋର୍‌ରେ ଅଛନ୍ତି । ମୁହମ୍ମଦ ଇକ୍‌ବାଲ୍ ସାହେବ୍ ଓ ତାଙ୍କର ତିନିଜଣ ସାଥିଙ୍କ ବିରୁଦ୍ଧରେ ଜୁନ୍ ୨୦୧୯ ମସିହାରେ ମୁକଦ୍ଦମା ଦରଜ କରାଯାଇଥିଲା ତାଙ୍କର ଜମାନତ୍ ମଧ୍ୟ ହୋଇଯାଇଥିଲା କିନ୍ତୁ ୨୦୨୧ ମସିହା ଅଗଷ୍ଟ ମାସରେ ପୁନଶ୍ଚ ତାଙ୍କ ଆବେଦନକୁ ଖାରଜ କରାଯାଇଥିଲା ଏବଂ ପୂର୍ନବାର ତାଙ୍କୁ ଗିରଫ କରିନିଆଯାଇଥିଲା ଯିଏ କି ତାଙ୍କ ସ୍ୱାମୀ ଥିଲେ । ଏ ସମସ୍ତ ପରୀକ୍ଷାରେ ସେ ଅତି ଧୈର୍ଯ୍ୟର ସହକାରେ ସମୟ ଅତିବାହିତ କରିଥିଲେ । ଅଲ୍ଲାଃ ତାଲାଙ୍କ ସାହାଯ ଭିକ୍ଷା କରି ସମୟ ଅତିବାହିତ କରିଥିଲେ ଏବଂ ସର୍ବଦା ଜମାତ୍ ସେବାରେ ତତ୍ପର ରହୁଥିଲେ । ନମାଜ ରୋଜାର ନିୟମାନୁବର୍ତି, ଦୁଆକାରୀ, ଅତିଥିସତ୍କାରୀ, ଅତ୍ୟନ୍ତ ଧୈର୍ଯ୍ୟ ରକ୍ଷାକାରିଣୀ ଓ କୃତଜ୍ଞଶୀଳ ମହିଳା ଥିଲେ । ନିଜ ପଛରେ ସ୍ୱାମୀଙ୍କ ବ୍ୟତିତ ପାଂଚଜଣ ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ତାଙ୍କର ଜଣେ ପୁତ୍ର ଶ୍ରୀମାନ୍ ମୁହମ୍ମଦ ଇକ୍‌ବାଲ୍ ସାହେବ ହାସ୍‌ମି ଲାହୋର୍ ଜେଲ୍‌ରେ ଅଲ୍ଲାଃ ତାଲାଙ୍କ ମାର୍ଗରେ ବର୍ତମାନ କାରାବରଣ ଭୋଗ କରୁଛନ୍ତି । ତାଙ୍କୁ ନିଜ ମାତାଙ୍କ ଅନ୍ତେଷ୍ଟିକ୍ରୀୟାରେ ମଧ୍ୟ ତାଙ୍କୁ ସାମିଲ ହେବାକୁ ଅନୁମତି ମିଳିଲା ନାହିଁ କିନ୍ତୁ ତାଙ୍କୁ ନିଜ ମାତାଙ୍କ ଶେଷ ଦର୍ଶନ କରିବାର ପ୍ରଶାସନ ବ୍ୟବସ୍ଥା ଜେଲ୍‌ରେ ହିଁ କରାଇଦେଲେ ଅର୍ଥାତ ଜେଲ୍‌କୁ ତାଙ୍କ ମାତାଙ୍କ ମରଶରିର ନେଇ ତାଙ୍କୁ ଅନ୍ତିମ ଦର୍ଶନ କରାଇଦେଇଥିଲେ । ଅଲ୍ଲାଃ ତାଲା ତାଙ୍କର ମଧ୍ୟ ଶିଘ୍ର ଅତି ଶିଘ୍ର ଜେଲ୍‌ରୁ ମୁକୁଳିବାର ପଥ ଉନ୍ମୁକ୍ତ କରିଦିଅନ୍ତୁ । ମୃତକଙ୍କ ନାତି ହାସିମ୍ ଇକ୍‌ବାଲ୍ ହାସ୍‌ମି ସାହେବ ଏଠି ୟୁକେରେ ମୁରବୀ ଭାବରେ ସେବା ସମ୍ପାଦନ କରୁଛନ୍ତି । ଅଲ୍ଲାଃ ତାଲା ତାଙ୍କୁ ନିଜ ଦାଦିଙ୍କ ପୂଣ୍ୟବଳୀଗୁଡ଼ିକୁ ଜାରି ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । ତାଙ୍କ ସନ୍ତାନସନ୍ତତୀଙ୍କୁ ମଧ୍ୟ ସତ୍‌କର୍ମ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ବୈକୁଣ୍ଠରେ ମୃତକଙ୍କ ସ୍ତର ଉର୍ଦ୍ଧଗାମୀ କରନ୍ତୁ । ତାଙ୍କୁ କ୍ଷମା ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**'ମତେ ସେହି ପରମ ସତାଙ୍କ ରାଣ ଯାହାଙ୍କ ହାତରେ ମୋ ଜୀବନ ଅଛି ! ଯଦି ମୋତେ ଏ ବିଶ୍ୱାସ ବି ଥାଏ ଯେ ହିଂସ୍ର ପଶୁମାନେ ମତେ ଖଣ୍ଡ ଖଣ୍ଡ କରି ଖଇଯିବେ ତେବେ ମଧ୍ୟ ମୁଁ ଉସାମାଙ୍କ ସେନା ସମ୍ବନ୍ଧରେ ରସୁଲୁଲ୍ଲାଃ ଙ୍କ ଦ୍ୱାରା ଜାରି କରାଯାଇଥିବା ନିସ୍ପତିକୁ ଲାଗୁ କରିକି ହିଁ ରହିବି ।'' (ହଜରତ୍ ଅବୁ ବକର୍ ର ଅ)**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

**କଣ ତୁମେ ଏହା ଚାହୁଁଛ ଯେ ରସୁଲେ କରିମ୍ ସ ଆ ସ ଙ୍କ ଦେହାନ୍ତ ପରେ ଅବୁ କାହାଫା ର ପୁଅ ସର୍ବପ୍ରଥମେ ଏ କାମ କରୁ କି ଯେଉଁ ସେନାକୁ ରସୁଲେ କରିମ୍ ସ ଆ ସ ଯୁଦ୍ଧ କରିବା ନମନ୍ତେ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସେ ତାକୁ ରୋକି ଦେବ ?**

---

**ଅଲ୍ଲାଃଙ୍କ ରାଣ ! ଯଦି ଜକାତ୍ ଦେବାକୁ ମନା କରୁଥିବା ଲୋକମାନେ ମତେ ଗୋଟିଏ ରସି ଦେବାପାଁଇ ମନା କରନ୍ତି ଯାହାକୁ ସେମାନେ ରସୁଲେ କରିମ୍ ସ ଆ ସ ଙ୍କ ସମୟରେ ପଇଠ କରିଥିଲେ , ତାହେଲେ ବି ମୁଁ ସେମାନଙ୍କ ସହିତ ଯୁଦ୍ଧ କରିବି ।**

---

**ଅସିରେ ରାହେ ମୌଲା ମୋକରମ୍ ମୁହମ୍ମଦ୍ ଇକବାଲ୍ ହାଶମି ସାହେବ୍ ଲାହୋର୍ ନିବାସୀଙ୍କ ମାତା ମୋହତରମା ସୟଦାଃ କୈସରାଃ ଜଫର୍ ହାଶମି ସାହିବାଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ୍ ଜନାଯାଃ ଗାଏବ୍ ପାଠ।**

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍:୧୧ ମାର୍ଚ୍ଚ ୨୦୨୨ ଅନୁଯାୟୀ ୧୧ ଅମାନ୧୪୦୧ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛି ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଖଲିଫା ନିର୍ବାଚିତ ହେବା ପରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଯେଉଁ ସମସ୍ୟାଗୁଡ଼ିକର ସମ୍ମୁଖିନ ହୋଇଥିଲେ ତାହାର ଚର୍ଚ୍ଚା ଚାଲିଥିଲା । ବର୍ଣ୍ଣନା ଅନୁଯାୟୀ ସେଥି ମଧ୍ୟରେ ପ୍ରଥମ ଅସୁବିଧା ତଥା ଯେଉଁ ପ୍ରଥମ ଦୁଃଖ ଥିଲା, ତାହା ଥିଲା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦେହାନ୍ତ ହେବାର ଦୁଃଖ । ଯାହା ପ୍ରତ୍ୟେକ ମୁସଲମାନମାନଙ୍କୁ ଥିଲା । କିନ୍ତୁ ସବୁଠାରୁ ବଳି ହଜରତ ଅବୁ ବକର୍ ର:ଅଙ୍କୁ ବହୁତ ଅଧିକା ଥିଲା । କାରଣ ସେ ଆଁ ହଜରତ ସ:ଆ:ସଙ୍କ ପିଲା ଦିନର ସାଥି ଥିଲେ । ଏତଦ୍ ବ୍ୟତୀତ ତାଙ୍କର ଯେଉଁ ଭକ୍ତିଭାବ ଥିଲା ଓ ବୟତର ଗଭୀର ସଜ୍ଞାନ ଥିଲା, ତାହା ଆଉ କାହା ସହିତ ନଥିଲା । କିନ୍ତୁ ସେତେବେଳେ ସେ ବହୁତ ସାହସ ପ୍ରଦର୍ଶନ କରିଥିଲେ । ବିଶ୍ୱାସର ପ୍ରଦର୍ଶନ କରିଥିଲେ । ଏହା ସର୍ବପ୍ରଥମ ଓ ଅତି ସଙ୍କଟାପନ୍ନ ପରିସ୍ଥିତି ଥିଲା ଯେ ସମସ୍ତ ସାହାବାଗଣ ମର୍ମାହତ ହୋଇ ପାଗଳ ପ୍ରାୟ ହୋଇଗଲେ । ଆଁ ହଜରତ ସ:ଆ:ସଙ୍କ ଏହି ଅଚାନକ ମୃତ୍ୟୁର ଦୁଃଖରେ ସମସ୍ତେ ଏତେ ଭାଙ୍ଗି ପଡ଼ିଥିଲେ ଯେ ନିଜକୁ ସମ୍ଭାଳି ପାରୁନଥିଲେ । ଆଁ ହଜରତ ସ:ଆ:ସଙ୍କ ବିଚ୍ଛେଦ ଓ ବିୟୋଗ ବିଷୟରେ କେହି ବି ଭାବି ହିଁ ନଥିଲେ । ବଡ଼ ବଡ଼ ସାହାବାମାନେ ଦୁଃଖରେ ମ୍ରିୟମାଣ ଥିଲେ । ହଜରତ ଉମର ର:ଅଙ୍କ ପରି ବାହାଦୁର ମଣିଷ ବି ଆପଣ ସ:ଆ:ସଙ୍କ ପ୍ରେମରେ ପାଗଳଙ୍କ ପରି ହୋଇଯାଇଥିଲେ । ସେ ନିଜ ଖଣ୍ଡା ଧରି ଛିଡ଼ା ହୋଇଯାଇଥିଲେ ଏବଂ କହୁଥିଲେ ଯଦି କେହି କହିବ ଯେ, ହଜରତ ମୁହମ୍ମଦ ମୁସ୍ତଫ ସ:ଆ:ସଙ୍କର ପରଲୋକ ହୋଇଯାଇଛି, ତେବେ ମୁଁ ଏହି ଖଡ୍ଗରେ ତାହାର ଶୀର ଛେଦ କରିଦେବି । ଏହା ଏକ ଏପରି ପ୍ରତିକ୍ରିୟା ଥିଲା ଯାହାକୁ ଶୁଣି ମୁସଲମାନମାନେ ଧର୍ମ ସଙ୍କଟରେ ପଡ଼ିଯାଇଥିଲେ ଯେ କଣ ପ୍ରକୃତରେ ହଜୁର ସ:ଆ:ସ ଦେହତ୍ୟାଗ କରି ସାରିଛନ୍ତି ଅବା ନୁହେଁ ? ନିକଟବର୍ତୀ ଥିଲା ଯେ, ଏହି ଉର୍ସ୍ଵଗୀ ଦଳ ହଜୁର ସ:ଆ:ସଙ୍କ ପ୍ରେମରେ ଏକଶ୍ୱରବାଦର ଶିକ୍ଷାକୁ ପାସୋରି ଏହା କହିଦେଇଥାନ୍ତି ଯେ, କାଳେ ହଜୁର ସ:ଆ:ସଙ୍କର ମୃତ୍ୟୁ ହୋଇନାହିଁ ଓ ସେ ଦେହ ତ୍ୟାଗ କରିନାହାନ୍ତି ବରଂ ଜୀବିତ ଅଛନ୍ତି । ସେତେବେଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ କହିଲେ, ଅର୍ଥାତ ସାହାବାମାନଙ୍କର ଏପରି ଅବସ୍ଥା ଦେଖି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ହିଁ ଥିଲେ ଯିଏ ମସ୍‌ଜିଦ୍ ନବୱିରେ ଆସି ଛିଡ଼ା ହୋଇଗଲେ ଏବଂ ଲୋକମାନଙ୍କର ଏହି ଅବସ୍ଥା ଦେଖି କହିଲେ ହେ ଲୋକମାନେ ! **ମନ୍ କାନା ମିନ୍‌କୁମ୍ ୟାବୁଦୁ ମୁହମ୍ମଦନ୍.......ଇନ୍ନଲ୍ଲାହା ହୈୟୁନ୍ ଲା ୟମୁତୁ ।** ଅର୍ଥାତ:- ଦେଖ ଯେ କେହି ହଜରତ ମୁହମ୍ମଦ ମୁସ୍ତଫ ସ:ଆ:ସଙ୍କୁ ପୁଜା କରୁଥିଲା ସେ ଶୁଣି ରଖୁ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ନୀଧନ ହୋଇସାରିଛି କିନ୍ତୁ ଯିଏ ସର୍ବଶକ୍ତିମାନ ଅଲ୍ଲାଃ ତାଲାଙ୍କର ଉପାସନା କରୁଥିଲା, ସେ ଏକଥା ମନେ ରଖିବା ଉଚିତ ଯେ ସେହି ପବିତ୍ର ଓ ପରାକର୍ମୀ ସତା ହେଉଛି ଜୀବିତ ଓ ଚିରଞ୍ଜୀବୀ । ମୃତ୍ୟୁ କଦାପି ତାହାକୁ ନିଜ ବଶବର୍ତୀ କରିପାରିନଥାଏ । ଏପରି ହଜୁର ସ:ଆ:ସଙ୍କୁ ଅତିଶୟ ପ୍ରେମ କରିବା ସତ୍ୱେ ମଧ ହଜରତ ଅବୁ ବକର୍ ର:ଅ ଲୋକମାନଙ୍କୁ ଏକେଶ୍ୱରବାଦର ଶିକ୍ଷା ଦେଇଥିଲେ । ଅତ୍ୟନ୍ତ ସାହାସ ଓ ବୁଦ୍ଧିମତାର ସହିତ ସାହାବାମାନଙ୍କୁ ସାନ୍ତ୍ୱନା ଦେଲେ । ପୁଣି ହଜରତ ଅବୁ ବକର୍ ର:ଅ କହିଲେ:- **ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍‌ଲିହିର୍ ରୁସୁଲ୍ ଅଫ୍ ଇନ୍ ମାତା ଅଓ କୁତିଲା ଇନ୍‌କଲବ୍‌ତୁମ୍ ଅଲା ଆକାବିକୁମ୍ (ଆଲେ ଇମ୍‌ରାନ୍:୧୪୫)** ଅର୍ଥାତ:- ମୁହମ୍ମଦ ସ:ଆ:ସ କେବଳ ଅଲ୍ଲାଃଙ୍କର ଜଣେ ରସୁଲ୍ ଥିଲେ ଓ ତାହାଙ୍କ ପୂର୍ବରୁ ଯେତେ ସବୁ ରସୁଲ୍ ଆସିଥିଲେ, ସମସ୍ତେ ମୃତ୍ୟୁ ବରଣ କରିସାରିଛନ୍ତି । ତେଣୁ ଆପଣ ସ:ଆ:ସ କାହିଁକି ନ ମରିବେ ? ଯଦି ସେ ମୃତ୍ୟୁ ବରଣ କରନ୍ତି ବା ତାହାଙ୍କର ହତ୍ୟା ହୋଇଯାଏ, ତା'ହେଲେ କଣ ଆପଣମାନେ ନିଜ ଧର୍ମକୁ ଛାଡ଼ି ଚାଲିଯିବେ ? ଏବଂ ଇସ୍‌ଲାମ୍‌କୁ ପରିତ୍ୟାଗ କରିଦେବେ ? ଏହିଭଳି ଭାବରେ ହଜରତ ଅବୁ ବକର୍ ର:ଅ ଲୋକମାନଙ୍କୁ ସାହସ ଦେଲେ ଓ ସେମାନଙ୍କର ଯେଉଁ ମନବଳ ଭାଙ୍ଗି ଯାଇଥିଲଶ, ତାହାକୁ ସୁଦୃଢ଼ କରିଦେଲେ ।

ହଜରତ ମସିହ ମଉଦ ଆ:ସ କୁହନ୍ତି: ସେହି ଭାବନା ଯାହାକି ହଜୁର ସ:ଆ:ସଙ୍କ ପ୍ରସଙ୍ଗରେ କେତେକ ସାହାବାଙ୍କ ମନରେ ଉତ୍ପନ୍ନ ହୋଇଯାଇଥିଲା । ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଏକ ସାଧାରଣ ସଭାରେ ପବିତ୍ର କୁର୍‌ଆନ୍‌ର ଗୋଟିଏ ଆୟତ ଉପସ୍ଥାପନ କରି ସେହି ସମସ୍ତ ଭ୍ରାନ୍ତ ଧାରଣାକୁ ଦୂର କରିଦେଇଥିଲେ ଏବଂ ତତ୍‌ସହିତ ସେହି ବିଶ୍ୱାସକୁ ମଧ ଦୂର କରି ଦେଇଥିଲେ ଯାହାକି ଇଶା ମସିହଙ୍କ ଜୀବିତ ରହିବା ବିଷୟରେ ହଦିସକୁ ନ ବୁଝିପାରିବା ଯୋଗୁଁ ତଥା ହଦିସ୍ ଉପରେ ଚିନ୍ତା ନ କରିବା ଯୋଗୁଁ ଲୋକମାନଙ୍କ ମନରେ ଥିଲା ।" *(ତୋହ୍‌ଫା ଗୋଲଡ୍ରୱିୟା, ରୁହାନୀ ଖଜାଇନ୍, ଖଣ୍ଡ-୧୭, ପୃ-୧୮୪)*

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯାହାକି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ସମ୍ପାଦନ କରିଥିଲେ ତାହା ଖିଲାଫତ୍‌ର ନିର୍ବାଚନ ସମୟରେ ସମଗ୍ର ମୁସଲମାନ ସମ୍ପ୍ରଦାୟକୁ ଏକତା ଓ ଅଖଣ୍ଡତାର ମାଳିରେ ଗୁନ୍ଥି ରଖିବା ଥିଲା ।

ନବୀ ଅକ୍‌ରମ୍ ସ:ଆ:ସଙ୍କ ପରେ ଯେଉଁ ମହା ବିପତି ଉପୁଜିବାର ସମ୍ଭାବନା ଥିଲା ତାହା ସକିଫା ବନୁ ସାଆଦାଃରେ ଅନ୍‌ସାର୍‌ମାନଙ୍କର ଏକତ୍ରିତ ହେବା ଥିଲା । କାରଣ ଅନ୍‌ସାର୍‌ମାନେ କୌଣସି ମତେ ପ୍ରବାଶକାରୀଙ୍କ ମଧ୍ୟରୁ କାହାରିକୁ ଖଲିଫା ରୂପେ ସ୍ୱୀକାର କରିବାକୁ ପ୍ରସ୍ତୁତ ନଥିଲେ । ସେହି ସଙ୍କଟାପନ୍ନ ପରିସ୍ଥିତିରେ ସର୍ବଶକ୍ତିମାନ ଅଲ୍ଲାଃ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ମୁଖରୁ ଏପରି ପ୍ରଭାବଶାଳୀ ଅଭିଭାଷଣ ନିସୃତ କଲେ ଯେ, ବିଭ୍ରାଟ ଓ ମତ ଭେଦତା ସ୍ନେହ, ଶ୍ରଦ୍ଧା ଏବଂ ଏକତାରେ ରୂପାନ୍ତରିତ ହୋଇଯାଇଥିଲା ।

ଯେପରି କି ହଜରତ ମସିହ ମଉଦ ଆ:ସ କୁହନ୍ତି: ଯେଉଁଭଳି ବନି ଇସ୍ରାଇଲ୍ ହଜରତ ମୁସା ଆ:ସଙ୍କ ପରଲୋକ ପରେ ୟଶୁ ବିନ୍ ନୁନ୍‌ଙ୍କ କଥା ପ୍ରତି କାନ ଦେଇଥିଲେ ଏବଂ କୌଣସି ପ୍ରକାର ପ୍ରତିବାଦ କଲେନାହିଁ । ତଥା ସଭିଏଁ ତାଙ୍କର ଆଜ୍ଞାବହତାର ପରିପ୍ରକାଶ କରିଥିଲେ । ସେହିପରି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସହିତ ଘଟିଥିଲା ସଭିଏଁ ହଜୁର ସ:ଆ:ସଙ୍କ ବିରହ ବିଚ୍ଛେଦରେ ଅଶ୍ରୁ ନିର୍ଗତ କରି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ଖଲିଫା ରୂପେ ସ୍ୱୀକାର କରିନେଲେ ଓ ତାଙ୍କର ବୟତ କରିନେଲେ । *(ତୋହ୍‌ଫା ଗୋଲଡୁୱିୟା, ରୁହାନୀ ଖଜାଇନ୍, ଖଣ୍ଡ-୧୭, ପୃ-୧୮୬)*

ତୃତୀୟ ମହତ୍ୱପୂର୍ଣ୍ଣ ବା ଗୁରୁତପୂର୍ଣ୍ଣ ପ୍ରସଙ୍ଗ ଯାହାକୁ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ସଙ୍ଗେ ସଙ୍ଗେ ନିୟନ୍ତ୍ରଣ କରିନେଇଥିଲେ । ତାହା ଓସାମା ର:ଅଙ୍କ ନେତୃତ୍ୱରେ ମୁସଲମାନ ସେନାଦଳକୁ ପ୍ରେରଣ କରିବା ପ୍ରସଙ୍ଗ ଥିଲା । ସେହି ସୈନ୍ୟଦଳକୁ ହଜରତ ମୁହମ୍ମଦ ମୁସ୍ତଫା ସ:ଆ;ସ ସିରିୟାର ସୀମାର୍ବତୀ ଅଂଚଳରେ ରୋମୀମାନଙ୍କ ସହିତ ମୁକାବିଲା କରିବା ସକାଶେ ପ୍ରସ୍ତୁତ କରିଥିଲେ । ମୌତା ଯୁଦ୍ଧ ଏବଂ ତବୁକ୍ ଯୁଦ୍ଧ ପରେ ଏହି ଚିନ୍ତା ଘାରିଥିଲା ଯେ, ଇସ୍‌ଲାମ୍ ଓ ଖ୍ରୀଷ୍ଟଧର୍ମ ମଧ୍ୟରେ ଥିବା ମତଭେଦ ତଥା ୟହୁଦୀମାନଙ୍କ ଷଡ଼ଯନ୍ତ୍ର ଫଳରେ ରୋମୀମାନେ ଆରବ ଉପରେ ଆକ୍ରମଣ କରିଦେଇପାରନ୍ତି ।

ମଓତା ଯୁଦ୍ଧରେ ହଜରତ ଜୈଦ୍, ହଜରତ ଜାଫର୍, ହଜରତ ଅବ୍‌ଦୁଲ୍ଲାଃ ବିନ୍ ରୱାହା ମୁସଲମାନମାନଙ୍କର ତିନିଜଣ ଅମୀର୍ ଜଣକ ପରେ ଜଣେ ଶହୀଦ ହୋଇଯାଇଥିଲେ । ମୌତା ଉର୍ଦ୍ଦୁନର ପୂର୍ବ ଭାଗରେ ଏକ ଉର୍ବର ଭୂମି ବିଶିଷ୍ଟ ସହର ଥିଲା । *(ଅବୁ ବକର୍ ସଦ୍ଧିକ୍ ଅକ୍‌ବର୍..... ପୃ-୧୨୩, ମକ୍‌ତବାଃ ଜଦିଦ୍ ଲାହୋର୍) (ଉର୍ଦ୍ଦୁ ଦାଏରାଏ ମାରିଫ୍ ଇସ୍‌ଲାମୀୟା, ଖଣ୍ଡ-୨୧, ପୃ-୭୩୧)*

ଉକ୍ତ ଘଟଣା ପ୍ରସଙ୍ଗରେ ହଜରତ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ମୁସଲମାନମାନଙ୍କୁ ମୌତା ଯୁଦ୍ଧରେ ପ୍ରେରଣ କରିଥିଲେ ଯେଉଁ ସ୍ଥଳେ ହଜରତ ଜୈଦ୍ ଏବଂ ତାଙ୍କ ପରେ ହଜରତ ଜାଫର୍ ଓ ହଜରତ ଅବ୍‌ଦୁଲ୍ଲା ବିନ୍ ରୱାହା ଜଣକ ପରେ ଜଣେ ଶହୀଦ ହେବାର ଖବର ମିଳିଥିଲା । ହଜୁର ସ:ଆ:ସ ଏହି ସୁଚନା ଲୋକମାନଙ୍କୁ ଦେଇ କହିଲେ, ହଜରତ ଜୈଦ୍ ଇସ୍‌ଲାମୀୟ ଧ୍ୱଜା ବହନ କରି ଆଗକୁ ବଢ଼ି ଚାଲିଥିଲେ ଯେ ତାଙ୍କୁ ଶହୀଦ କରିଦିଆଗଲା ତାଙ୍କ ଅନ୍ତେ ହଜରତ ଜାଫର୍ ଧ୍ୱଜାର ମଙ୍ଗ ଧରିଲେ ଏବଂ ସେ ମଧ୍ୟ ଶହୀଦ ହୋଇଗଲେ ତାଙ୍କ ପରେ ଇବ୍‌ନେ ରୱାହା ର:ଅ ଇସ୍‌ଲାମୀୟ ଧ୍ୱଜାକୁ ଥାମି ନେଲେ ଓ ଶହୀଦ ହୋଇଗଲେ । ସେତେବେଳେ ହଜୁର ସ:ଆ:ସଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇ ଚାଲିଥାଏ ଆପଣ କହିଲେ: ଶେଷରେ ଅଲ୍ଲାଃ ତାଲାଙ୍କ ଖଣ୍ଡା ଖାଲିଦ୍ ବିନ୍ ୱଲିଦ୍ ଆମ ଇସ୍‌ଲାମୀୟ ଧ୍ୱଜାକୁ ଧରି ନେଇଥିଲେ ଏବଂ ପ୍ରଭୁ ତାଙ୍କ ହସ୍ତରେ ବିରୋଧିମାନଙ୍କ ଉପରେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ । *(ସହି ବୁଖାରୀ, କିତାବୁଲ୍ ମନାକିବ୍... ହଦିସ୍-୩୭୫୭)* ।

ସେଥିଅନ୍ତେ ହଜୁର ସ:ଆ:ସ ସ୍ୱୟମ ମୁସଲମାନମାନଙ୍କୁ ସାଥିରେ ଧରି ତବୁକ୍ ଅଭିମୁଖେ ବାହାରିଲେ । କିନ୍ତୁ ଶତ୍ରୁମାନେ ମୁସଲମାନମାନଙ୍କ ମୁକାବିଲା କରିବାର ସତ୍ ସାହାସ ଜୁଟାଇପାରିଲେ ନାହିଁ ଏବଂ ସେମାନେ ସିରିୟାର ମଧ୍ୟଭାଗରେ ପ୍ରବେଶ କରି ଲୁଚି ଗଲେ ଏବଂ ନିଜ ପକ୍ଷେ ଏହାକୁ ହିଁ ସେମାନେ (ଅର୍ଥାତ ଲୁଚି ଯିବାକୁ) ମଙ୍ଗଳ ମନେ କଲେ । ଏହି ଯୁଦ୍ଧ ଫଳରେ ରୋମୀମାନେ ମୁସଲମାନମାନଙ୍କୁ ନିଜ ଶତ୍ରୁ ମଣିନେଲେ ଏବଂ ଆରବର ସୀମା ବର୍ତୀ ଅଂଚଳ ଆଡ଼କୁ ନିଜ ସୈନ୍ୟପ୍ରେରଣ କରିବା ଆରମ୍ଭ କରିଦେଲେ ତେଣୁ ହଜୁର ସ:ଆ:ସ ହଜରତ ଉସାମାଙ୍କୁ ସିରିୟା ଅଭିମୁଖେ ପ୍ରେରଣ କରିବା ପାଇଁ ଏକ ସୈନ୍ୟଦଳକୁ ତାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତ କଲେ । *(ଅବୁ ବକର୍ ସଦ୍ଧିକ୍ ଅକ୍‌ବର୍..... ପୃ-୧୨୪, ମକ୍‌ତବାଃ ଜଦିଦ୍ ଲାହୋର୍)*

ଏହାର ଗୋଟିଏ ଉଦ୍ଦେଶ୍ୟ ମୌତା ଯୁଦ୍ଧରେ ଶହୀଦ ମୁସଲମାନମାନଙ୍କ ପ୍ରତିଶୋଧ ନେବାର ଥିଲା । ଉସାମାଙ୍କ ସୈନ୍ୟଦଳର ପ୍ରସ୍ତୁତିକରଣ ହଜୁର ସ:ଆ:ସଙ୍କ ଦେହାନ୍ତର ଦୁଇ ଦିନ ପୂର୍ବରୁ ଅର୍ଥାତ ଶନିବାର ଦିନ ସମ୍ପୂର୍ଣ୍ଣ ହୋଇଥିଲା । ଯଦିଚ ଏହାର ଆରମ୍ଭ ହଜୁର ସ:ଆ:ସଙ୍କ ରୋଗ ଗ୍ରସ୍ତ ହେବା ପୂର୍ବରୁ ହୋଇଯାଇଥିଲା । ହଜୁର ସ:ଆ:ସ ସଫର୍ ମାସର ଶେଷ ଭାଗରେ ରୋମୀମାନଙ୍କ ମୁକାବିଲାର ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଆପଣ ସ:ଆ:ସ ଉସାମାଙ୍କୁ ଡ଼କାଇ କହିଲେ ନିଜ ପିତାଙ୍କ ଶାହାଦତ୍‌ର ସ୍ଥଳୀକୁ ଯାଅ ଏବଂ ଶତ୍ରୁକୁ ସେଠାରେ ନିଜ ଘୋଡ଼ାର ପାଦତଳେ ଦଳି ଦିଅ ମୁଁ ତୁମକୁ ଏହି ସୈନ୍ୟଦଳର ଅମୀର ଭାବରେ ନିଯୁକ୍ତ କରିଅଛି । *(ଫତହୁଲ୍ ବାରି ଲେ ଇବ୍‌ନେ ହଜର୍, ଖଣ୍ଡ-୮, ପୃ-୧୯୨, କଦିମି କୁତୁବ୍ ଖାନା..... ଆରାମ୍ ବାଗ୍ କରାଚି ।)*

ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି: ହଜୁର ସ:ଆ:ସ କହିଲେ, ବଲ୍‌କା ଓ ଦାରୋମ୍ ଏ ଦୁଇଟି କବିଲା ଗୋଷ୍ଠକୁ ଘୋଡ଼ା ମାଧ୍ୟମରେ ଦଳିଦିଅ ଅର୍ଥାତ ଏହି ଲୋକମାନେ ଯୁଦ୍ଧ କରିବାକୁ ଆଗଭର ଅଛନ୍ତି, ତେଣୁ ଏମାନଙ୍କ ସହିତ ଭଲରେ ଯୁଦ୍ଧ କର । ଏହି ବଲ୍‌କା ସିରିୟା ଦେଶର ଏକ ଅଂଚଳ ଯାହାକି ଦମିସ୍କ ଓ ୱାଦି କୁର୍‌ରା ମଧ୍ୟବର୍ତୀ ଇଲାକାରେ ଅବସ୍ଥିତ । ସେହିପରି ଦାରୋମ୍ ହେଉଛି ମିଶରର ମାର୍ଗରେ ଫିଲିସ୍ତିନ୍‌ର ଗାଜା ନିକଟରେ ଏକ ଅଂଚଳ । *(ତାରିଖେ ତିବ୍ରୀ, ଖଣ୍ଡ-୨, ପୃ-୨୨୪, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨) (ମୁଅଜମୁଲ୍ ବୁଲ୍‌ଦାନ୍..... ଖଣ୍ଡ-୧, ପୃ-୫୭୯.....ବେରୁତ) (ଫର୍‌ହଙ୍ଗ ସିରତ୍, ପୃ-୧୧୯, ଜୱାର ଏକାଡ଼େମି କରାଚି ୨୦୦୩)*

ସେ ଯାହା ହେଉ ଆପଣ ସ:ଆ:ସ ସିରିୟା ଯିବା ନିମନ୍ତେ କହିଲେ, ପ୍ରଭାତ ହେବା ମାତ୍ରେ ଉବ୍‌ନା ଉପରେ ଆକ୍ରମଣ କରିନେବ ଯାହା ସିରିୟାର ହିଁ ଏକ ଅଂଚଳ ଥିଲା । ସେଠାରୁ ତିବ୍ର ବେଗରେ ଯାତ୍ରା କରିବ ଯଦ୍ୱାରା ଶତ୍ରୁପକ୍ଷକୁ ତୁମ ଆଗମନର ମିଳିବା ପୂର୍ବରୁ ସେମାନଙ୍କ ନିକଟରେ ତୁମେ ପହଂଚିବ । ଯଦି ସେଠାରେ ପ୍ରଭୁ ତୁମକୁ ବିଜୟ ମଣ୍ଡିତ କରନ୍ତି ତେବେ ସେଠାରେ ଖୁବ୍ କମ୍ ସମୟ ଅବସ୍ଥାନ କରିବ । ନିଜ ସାଥିରେ ମାର୍ଗିମାନଙ୍କୁ ରଖିବ ଏବଂ ଗୁପ୍ତଚରଙ୍କୁ ପ୍ରଥମେ ପ୍ରେରଣ କରିଦେବ ଯଦ୍ୱାରା ସେ ତୁମକୁ ଉପଯୁକ୍ତ ସୂଚନା ପୂର୍ବରୁ ହିଁ ପ୍ରଦାନ କରିବେ । ଏବେ ଉକ୍ତ ସୈନ୍ୟଦଳକୁ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଉସାମା ର:ଅଙ୍କ ନେତୃତ୍ୱରେ ଅତି ବିସ୍ତାର ରୂପେ ନିର୍ଦ୍ଦେଶ ଦେବା ସହିତ ଆପଣ ସ:ଆ:ସ ନିଜ ପବିତ୍ର ହସ୍ତରେ ଉସାମାଙ୍କ ପାଇଁ ଏକ ବାନା ମଧ୍ୟ ପ୍ରସ୍ତୁତ କରିଦେଇଥିଲେ ଯାହାକୁ ଉସାମା ହଜରତ ବୁରୈଦାଃ ବିନ୍ ହୁସୈବ୍ ର:ଅଙ୍କ ହାତରେ ଟେକି ଦେଲେ ଏବଂ ହୁର୍‌ଫ୍ ନାମକ ସ୍ଥାନରେ ଯାଇ ନିଜ ସୈନ୍ୟଦଳକୁ ଏକାଠି କଲେ । ଉକ୍ତ ସୈନ୍ୟଦଳରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଓ ହଜରତ ଉମର ର:ଅ ସମେତ ବଡ଼ ବଡ଼ ସାହାବାମାନେ ମଧ୍ୟ ସାମିଲ ଥିଲେ । ଯେତେବେଳେ କେତେକ ଲୋକ ଟାହି ଟାପରା କଲେ ଯେ ଏ ଏକ ସାମାନ୍ୟ ବାଳକ ହୋଇ ବଡ଼ ବଡ଼ ପ୍ରବାସକାରୀ ସାହାବାମାନଙ୍କ ଉପରେ ଅମୀର ମୃତୟନ କରାଯାଇଛି । ସେଥିରେ ହଜୁର ସ:ଆ:ସ ଅର୍ଥାତ ଲୋକମାନଙ୍କର ଏହି କଥାର ପ୍ରତିକ୍ରିୟାରେ ଅପ୍ରସନ୍ନତା ପ୍ରକାଶ କଲେ । ଆପଣ ସ:ଆ:ସ ନିଜ ପବିତ୍ର ମସ୍ତକକୁ ଗୋଟିଏ ରୁମାଲ୍‌ରେ ବାନ୍ଧିଥିଲେ ଏବଂ ଶରିରରେ ଏକ ଚଦର ଘୋଡ଼ି ହୋଇଥିଲେ ପୁଣି ସେହି ଅବସ୍ଥାରେ ଆପଣ ସ:ଆ:ସ ମଂଚ ଉପରେ ଚଢ଼ିଲେ ଏବଂ ପ୍ରଭୁଙ୍କ ପ୍ରଶଂସା ଗାନ କରି କହିଲେ, ହେ ଲୋକମାନେ! ତୁମେ ଉସାମାଙ୍କୁ ଅମୀର ମୃତୟନ କରିବା ପ୍ରସଙ୍ଗରେ ମୋ ଠାରୁ ଭିନ୍ନ ମତ ପୋଷଣ କରୁଛ ଯଦ୍ୱାରା ମତେ ଦୁଃଖ ପହଂଚିଛି । ଯଦି ମୋର ଏହି ନିଷ୍ପତି ଉପରେ ଆପଣ ଆପତି ରଖୁଛନ୍ତି ତେବେ ମନେ ରଖ ଏହା ପୂର୍ବରୁ ଉସାମାଙ୍କ ପିତାଙ୍କୁ ଯେତେବେଳେ ମୁଁ ଅମୀର ମୃତୟନ କରିଥିଲି ସେତେବେଳେ ମଧ୍ୟ ତୁମେମାନେ ଆପତି କରିଥିଲ । ପ୍ରଭୁଙ୍କ ରାଣ! ସେ ଅମୀରତ୍ୱର ଅଧିକାରୀ ଥିଲେ ଏବଂ ଏବେ ତାଙ୍କ ପୁତ୍ର ମଧ୍ୟ ସେହି ଆସନର ଉପଯୁକ୍ତ ଅଧିକାରୀ ଅଟନ୍ତି ଓ ସେ ସେମାନଙ୍କ ମଧ୍ୟରୁ ଥିଲେ ଯେ ମୋତେ ସବୁଠାରୁ ଅଧିକ ପ୍ରୀୟ ଥିଲେ ଏବଂ ସୁନିଶ୍ଚିତ ରୂପେ ଏହି ଦୁଇଜଣ ହେଉଛନ୍ତି ଏପରି ଲୋକେ ଯାହାଙ୍କ ପ୍ରସଙ୍ଗରେ ସମସ୍ତ ପ୍ରକାର ମଙ୍ଗଳ ଓ ପୂଣ୍ୟ ଚିନ୍ତାଧାରା କଳନା କରାଯାଇପାରେ ।

ସୁତରାଂ ଉସାମାଙ୍କ ପାଇଁ ମଙ୍ଗଳ କାମନା କର କାରଣ ସେ ତୁମମାନଙ୍କ ମଧ୍ୟରୁ ଉତମ ଲୋକ । ତାହା ରିବଉଲ୍ ଅୱଲ୍ ମାସର ଦଶ ତାରିଖ ଥିଲା ଅର୍ଥାତ ହଜୁର ସ:ଆ:ସଙ୍କ ଦେହାନ୍ତର ଦୁଇଦିନ ପୂର୍ବର ଘଟଣା । ସେହି ମୁସଲମାନମାନେ ଯେଉଁମାନେ ହଜରତ ଉସାମା ର:ଅଙ୍କ ସହିତ ଯୁଦ୍ଧ ପାଇଁ ଯିବାକୁ ବାହାରିଥିଲେ, ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ବିଦାୟ ଜଣାଇ ହୁର୍ଫ ନାମକ ସ୍ଥାନରେ ସୈନ୍ୟଦଳରେ ସାମିଲ ହେବା ପାଇଁ ଚାଲିଗଲେ । ହଜୁର ସ:ଆ:ସଙ୍କ ବ୍ୟାଧିରେ ଅଭିବୃଦ୍ଧି ଘଟିବା ସତ୍ୱେ ମଧ୍ୟ ଆପଣ ସ:ଆ:ସ ଶକ୍ତ ନିର୍ଦ୍ଦେଶ ଦେଇଥିଲେ ଯେ, ଉସାମାଙ୍କ ସୈନ୍ୟଦଳକୁ ପ୍ରେରଣ କରିଦିଆଯାଉ । ରବିବାର ଦିନ ହଜୁର ସ:ଆ:ସଙ୍କ ବ୍ୟାଧିରେ ଅଧିକ ଅଭିବୃଦ୍ଧି ଘଟିଲା । ଅତଏବ ଏହି ସୁଚନା ମିଳିବା ମାତ୍ରେ ଉସାମା ର:ଅ ଉକ୍ତ ସ୍ଥାନରୁ ମଦିନା ଫେରି ଆସିଲେ ଓ ସେତେବେଳେ ହଜୁର ସ:ଆ:ସ ସେଜରେ ଚେତାଶୂନ୍ୟ ଅବସ୍ଥାରେ ରହିଥିଲେ ସେହି ଦିନ ଲୋକମାନେ ଆପଣ ସ:ଆ:ସଙ୍କୁ ଔଷଧ ପିଇବାକୁ ଦେଇଥିଲେ । ଉସାମା ହଜୁର ସ:ଆ:ସଙ୍କ ପବିତ୍ର କପାଳକୁ ଚୁମ୍ବନ କଲେ । ହଜୁର ସ:ଆ:ସ କିଛି କହିପାରୁନଥିଲେ କିନ୍ତୁ ନିଜର ଦୁଇହସ୍ତ ଆକାଶ ମାର୍ଗକୁ ଉଠାଇ ଉସାମାଙ୍କ ମୁଣ୍ଡ ଉପରେ ରଖିଦେଲେ । ଉସାମା କୁହନ୍ତି: ଏଥିରୁ ମୁଁ ବୁଝି ଗଲି ଯେ ଆପଣ ମୋ ପାଇଁ ଦୁଆ କରୁଛନ୍ତି ହଜରତ ଉସାମା ସୈନ୍ୟଦଳ ନିକଟକୁ ଫେରିଗଲେ । ପୂନରାୟ ସୋମବାର ଦିନ ଯେତେବେଳେ ସେ ହଜୁର ସ:ଆ:ସଙ୍କ ନିକଟକୁ ଆସିଲେ ସେତେବେଳେ ମହାଭାଗ ସ:ଆ:ସଙ୍କୁ ଆରାମ୍ ମିଳି ଯାଇଥିଲା । ଅର୍ଥାତ ବ୍ୟାଧିରେ ଉପସମ ମିଳିଯାଇଥିଲା । ସୁତରାଂ ଆପଣ ସ:ଆ:ସ ଉସାମା ର:ଅଙ୍କୁ କହିଲେ ଯେ ଅଲ୍ଲାଃ ତାଲାଙ୍କ କଲ୍ୟାଣରୁ ଏହି (ଯୁଦ୍ଧ ନିମନ୍ତେ) ଚାଲିଯାଅ । ଯେତେବେଳେ କି ସେ ନିଜ ସୈନ୍ୟଦଳକୁ ନେଇ ପ୍ରସ୍ଥାନ କରିବାପାଇଁ ବାହାରି ଯାଇଥିଲେ ।

ସେତେବେଳେ ହଜୁର ସ:ଆ:ସ ନିଜର ଶେଷ ବ୍ୟାଧିରେ ଆକ୍ରାନ୍ତ ଥିଲେ । ହଜରତ ଉସାମା ଆଁ ହଜରତ ସ:ଆ:ସଙ୍କଠାରୁ ବିଦାୟ ନେଇ ନିଜ ସୈନ୍ୟଦଳ ଆଡ଼କୁ ବାହାରିଲେ ଏବଂ ଲୋକମାନଙ୍କୁ ଯାତ୍ରା କରିବା ପାଇଁ ନିର୍ଦ୍ଦେଶ ଦେଲେ । ଏବେ ସେ ବାହାରିବା ପାଇଁ ମନସ୍ଥ କରିଥିଲେ ଯେ ତାଙ୍କ ମାଆ ହଜରତ ଉମ୍ମେ ଅଇମନ୍ ର:ଅଙ୍କ ତରଫରୁ ଜଣେ ବ୍ୟକ୍ତି ଏ ବାର୍ତା ନେଇ ଆସିଲେ ଯେ ଆଁ ହଜରତ ସ:ଆ:ସଙ୍କର ଶେଷ ସମୟ ଆସି ପହଂଚିଲାଣି । ସୁତରାଂ ହଜରତ ଉସାମା ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇଗଲେ । ହଜରତ ଉମର ର:ଅ ଏବଂ ହଜରତ ଅବୁ ଉବୈଦାଃ ର:ଅ ମଧ୍ୟ ତାଙ୍କ ସହିତ ସାମିଲ ଥିଲେ । ୧୨ ରବିଉଲ୍ ଅଓଲ୍‌କୁ ରବିବାର ଦିନ ସୂର୍ଯ୍ୟ ଢ଼ଳିବା ପରେ ଆଁ ହଜରତ ସ:ଆ:ସଙ୍କର ଦେହାନ୍ତ

ହୋଇଗଲା । ହଜୁର ସ:ଆ:ସଙ୍କ ମୃତ୍ୟୁବରଣ କରିବା ଖବର ଶୁଣିବା ପରେ ଉକ୍ତ ସୈନ୍ୟଦଳଟି ଜୁର୍ଫ ସ୍ଥାନରୁ ପୁନଶ୍ଚ ମଦିନା ଫେରି ଆସିଥିଲା ଏବଂ ହଜରତ ବୁରେଦାଃ ବିନ୍ ହୁସେବ୍ ହଜରତ ଉସାମା ର:ଅଙ୍କ ଧ୍ୱଜାକୁ ଧରି ଆସିଲେ ଏବଂ ତାକୁ ରସୁଲୁଲ୍ଲାଃ ସ:ଆ:ସଙ୍କ କବାଟ ପାଖରେ ପୋତିଦେଲେ । ଆଉ ଏକ ରିଓ୍ୱାୟତ୍‌ରେ ବର୍ଣ୍ଣିତ ଅଛି ଯେ ଯେବେ ହଜରତ ଉସାମା ର:ଅଙ୍କ ସେନା ଜି ଖୁଶୁବ୍ ସ୍ଥାନରେ ଥିଲା, ସେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କର ଦେହାନ୍ତ ହୋଇଥିଲା । ସେ ଯାହା ବି ହେଉ ଯେତେବେଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କର ବୟତ କରିନିଆଗଲା ସେତେବେଳେ ଆପଣ ର:ଅ ହଜରତ ବୁରେଦାଃ ବିନ୍ ହୁସେବ୍ ର:ଅଙ୍କୁ ନିର୍ଦ୍ଦେଶ ଦେଲେ ଯେ ଧ୍ୱଜାକୁ ନେଇ ଉସାମା ର:ଅଙ୍କ ଘରକୁ ଯାଅ ଓ ନିର୍ଦ୍ଦେଶ ଦେଲେ ଯେ ହଜରତ ଉସାମା ର:ଅଙ୍କୁ କହିଦିଅ ଯେ ସେ ନିଜର ଦାୟିତ୍ୱ ନିର୍ବାହ କରିବେ ଅର୍ଥାତ ତାଙ୍କୁ ଯେଉଁ ଦାୟିତ୍ୱ ହଜୁର ସ:ଆ:ସ ଦେଇଛନ୍ତି ସେ ତାହାକୁ ସମ୍ପାଦନ କରିବେ ଏବଂ ତାଙ୍କ ସୈନ୍ୟଦଳରେ ସାମିଲ ଥିବା କୌଣସି ବ୍ୟକ୍ତି ମଦିନାରେ ଅଟକି ରହିବେ ନାହିଁ । *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୧୪୬-୧୪୭..... ବେରୁତ ୧୯୯୦) (ଅଲ୍‌ବିଦାୟତୁନ୍ ନହାୟା, ଖଣ୍ଡ-୩, ଭାଗ-୬, ପୃ-୩୦୨...... ବେରୁତ) (ମୁଅଜମୁଲ୍ ବୁଲ୍‌ଦାନ୍..... ଖଣ୍ଡ-୧, ପୃ-୧୦୧.....ବେରୁତ) (ଫର୍‌ହଙ୍ଗ ସିରତ୍, ପୃ-୧୧୪, ଜଓ୍ୱାର ଏକାଡେମି କରାଚି ୨୦୦୩)*

ଉକ୍ତ ସୈନ୍ୟଦଳର ସଂଖ୍ୟା ୩୦୦୦ ଥିବାର ଉଲ୍ଲେଖ ମିଳୁଛି । *(ଶରହ୍ ଜର୍‌କାନୀ.... ଖଣ୍ଡ-୪, ପୃ-୧୫୫..... ବେରୁତ୍ ୧୯୯୬)*

ଆଉ ଏକ ବର୍ଣ୍ଣନାରେ ଉକ୍ତ ସୈନ୍ୟଦଳର ସଂଖ୍ୟା ମାତ୍ର ୭୦୦ ଥିବାର ଦର୍ଶାଯାଇଛି ।

ହଜୁର ସ:ଆ:ସଙ୍କ ନିଧନରେ ଆରବଗୋଷ୍ଠୀ ସମୂହରେ ବିଶୃଙ୍ଖଳା ଓ ବିଦ୍ରୋହର ସୂତ୍ର ପାତ ହେଲା ଏବଂ ଏହି ବିଦ୍ରୋହ ମୂଳକ ପ୍ରଦୂଷିତ ବାୟୁ ସମଗ୍ର ଆରବରେ ପରିବ୍ୟାପ୍ତ ହେବା ଆରମ୍ଭ ହୋଇ ଚାଲିଲା ଅପରପାଶ୍ୱରେ ଯହୁଦୀ ଓ ଖ୍ରୀଷ୍ଟଧର୍ମୀମାନେ ମଧ୍ୟ ନିଜ ମୁଣ୍ଡ ଟେକିବା ଆରମ୍ଭ କଲେ । ହଜରତ ବରିଦା ବିନ୍ ଉସୈଦ୍ ଉସାମା ର:ଅଙ୍କର ଧ୍ୱଜା ବହନ କରି ଚାଲିଥିଲେ ଅର୍ଥାତ ତାଙ୍କ ହାତରେ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା ଯେ ଇସ୍‌ଲାମୀୟ ଧ୍ୱଜା ସେ ବହନ କରିବେ । ଅତଏବ ସେ ହଜୁର ସ:ଆ:ସଙ୍କ ଦ୍ୱାର ସମ୍ମୁଖରେ ଆସି ଉକ୍ତ ଧ୍ୱଜାକୁ ପୋତି ଦେଲେ । ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ ଉସାମାଙ୍କ ସେନା ଯେତେବେଳେ ଖସବ୍ ସ୍ଥାନରେ ପହଂଚିଲା ସେତେବେଳେ ହଜୁର ସ:ଆ:ସଙ୍କର ସ୍ୱର୍ଗବାସ ହୋଇଯାଇଥିଲା । ଗୋଟିଏ ପଟରେ ହଜୁର ସ:ଆ:ସଙ୍କର ପରଲୋକ ହୋଇଯାଇଥିଲା ତ ଅନ୍ୟପାର୍ଶ୍ୱରେ ମୁସଲମାନଙ୍କ ସଂଖ୍ୟା ହ୍ରାସ ପାଇଚାଲିଥିଲା ତ ଶତ୍ରୁମାନଙ୍କ ସଂଖ୍ୟା ବଢ଼ିଚାଲିଥିଲା । ଯେପରି ବର୍ଷା ରାତିରେ ଛେଳି ମେଣ୍ଢାଙ୍କ ଅବସ୍ଥା ହୋଇଥାଏ ମୁସଲମାନମାନଙ୍କର ଅବସ୍ଥା ମଧ୍ୟ ଠିକ୍ ସେହିପରି ବିପଦ ଶଙ୍କୁଳ ଓ ନିରାଶ୍ରୟ ପରି ଥିଲା । ଏହା ଦେଖି ମୁସଲମାନମାନେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ପରାମର୍ଶ ଦେଲେ ଯେ ଆମେ କେବଳ ଉସାମାଙ୍କ ସେନାକୁ ହିଁ ନିଜର ମଣୁଅଛୁ । ଦେଖନ୍ତୁ ସମଗ୍ର ଆରବ ଆମର ବିଦ୍ରୋହୀ ପାଲଟି ଯାଇଛନ୍ତି । ଆମ ସହିତ ବିଦ୍ରୋହ କରିବା ପାଇଁ ସେମାନେ ଅଂଟା ଭିଡ଼ି ଦେଇଛନ୍ତି । ଏପରି ପ୍ରତିକୂଳ ପରିସ୍ଥିତିରେ ଆପଣ ଉସାମାଙ୍କ ସୈନ୍ୟଦଳକୁ ମଦିନାରେ ଅଟକାଇ ରଖନ୍ତୁ ଯିଏ କି ଆମକୁ ସୁରକ୍ଷା ପ୍ରଦାନ କରିବ । ସେଥିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ପରମେଶ୍ୱରଙ୍କ ଶପଥ ନେଇ କହିଲେ, ଯଦି ମୁଁ ନିଶ୍ଚିନ୍ତ ହୋଇଯାଏ ଯେ, ହିଂସ୍ର ଜନ୍ତୁ ମତେ ଚିରି ଫାଡ଼ି ଖାଇଯିବେ ତେବେ ସୁଦ୍ଧା ମୁଁ ଉସାମା ର:ଅଙ୍କ ସୈନ୍ୟଦଳ ପ୍ରସଙ୍ଗରେ ହଜୁର ସ:ଆ:ସଙ୍କ ଆଦେଶରେ ଅବମାନନା କରିବି ନାହିଁ ବରଂ ତାହାକୁ ପ୍ରଣୟନ କରିବି ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ କହିଲେ: ଅଲ୍ଲାଃ ତାଲାଙ୍କ ରାଣ ! ଯଦି ହଜୁର ସ:ଆ:ସଙ୍କ ପବିତ୍ର ସହଧର୍ମୀଣିମାନଙ୍କ ଗୋଡ଼କୁ କୁକୁର ଘୋଷାରି ବୁଲନ୍ତି ମଦିନାରେ ତଥାପି ମୁଁ ଏହି ସୈନ୍ୟଦଳକୁ, ଯାହାକୁ କି ହଜୁର ସ:ଆ:ସ ପ୍ରେଣ କରିଦେଇଛନ୍ତି ବା ପ୍ରେରଣ କରିବାର ଆଦେଶ ଦେଇଛନ୍ତି ମୁଁ ତାହାକୁ କଦାପି ଫେରସ୍ତ ଡ଼କାଇବି ନାହିଁ ଓ ନା ମୁଁ ସେହି ବାନାକୁ ଖୋଲିବି ଯାହାକୁ ହଜୁର ସ:ଆ:ସ ବାନ୍ଧିଛନ୍ତି । *(ଅଲ୍‌ବିଦାୟାଃ ଓ୍ୱନ୍ ନହାୟାଃ, ଖଣ୍ଡ-୩, ଭାଗ-୬, ପୃ-୩୦୨, ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୧) (ତାରିଖୁଲ୍ ତିବ୍‌ରୀ...... ଖଣ୍ଡ-୨, ପୃ-୨୪୪........ ବେରୁତ ୨୦୧୨) (ଅଲ୍‌କାମିଲ୍ ଫିଲ୍ ତାରିଖ, ଖଣ୍ଡ-୨, ପୃ-୧୯୯.... ବେରୁତ ୨୦୦୬)*

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଏ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ଯେ:- ଯେତେବେଳେ ହଜୁର ସ:ଆ:ସଙ୍କ ନିଧନ ହେଲା ସେତେବେଳେ ସମଗ୍ର ଆରବ ସ୍ୱଧର୍ମରୁ ଫେରିଗଲେ । ହଜରତ ଉମର ର:ଅ ଓ ହଜରତ ଅଲୀ ର:ଅଙ୍କ ପରି ବୀର ସାହାବାମାନେ ମଧ୍ୟ ଏପରି ପରିସ୍ଥିତିକୁ ଦେଖି ବ୍ୟସ୍ତ ବିବ୍ରତ ହୋଇ ପଡ଼ିଥିଲେ । ହଜୁର ସ:ଆ:ସ ଇହଧାମ ପରିତ୍ୟାଗ କରିବା ପୂର୍ବରୁ ଏକ ସେନା ରୋମୀମାନଙ୍କ ଉପରେ ଆକ୍ରମଣ କରିବା ସକାଶେ ଉସାମାଙ୍କ ଅଧକ୍ଷତାରେ ପ୍ରସ୍ତୁତ କରିଥିଲେ । ଉକ୍ତ ସେନାଦଳଟି ପ୍ରସ୍ଥାନ କରିନଥିଲା ଯେ, ହଜୁର ସ:ଆ:ସଙ୍କର ସ୍ୱର୍ଗବାସ ହୋଇଯାଇଥିଲା । ଏହା ଦେଖି ସମଗ୍ର ଆରବବାସୀ ସ୍ୱଧର୍ମରୁ ଓହରି ଗଲେ ଏପରି ପରିସ୍ଥିତିକୁ ଲକ୍ଷ କରି ସାହାବାମାନେ ଚିନ୍ତା କଲେ ଯେ ଏପରି ଏହି ବିଦ୍ରୋହ ସମୟରେ ଉସାମାଙ୍କ ସୈନ୍ୟଦଳକୁ ରୋମୀ ସେନାଙ୍କ ସହିତ ଯୁଦ୍ଧ ଲଢ଼ିବା ପାଇଁ ପ୍ରେରଣ କରିବା ଉଚିତ ହେବ ନାହିଁ । କାରଣ ମଦିନାରେ ବୃଦ୍ଧ ବ୍ୟକ୍ତି, ପିଲା ଛୁଆ ଓ ମହିଳାମାନେ ଅଛନ୍ତି । ଯଦି ଉସାମାଙ୍କ ସୈନ୍ୟଦଳକୁ ସିରିୟା ଅଭିମୁଖେ ପ୍ରେରଣ କରିଦିଆଯାଏ ତା'ହେଲେ ମଦିନାର ସୁରକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିବ ।

ଅତଏବ ସେମାନେ ପରାମର୍ଶ କଲେ ଯେ ବଡ଼ ବଡ଼ ସାହାବାମାନେ ଯାଇ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ନିବେଦନ କରନ୍ତୁ ଯେ, ଏହି ବିଦ୍ରୋହ ଦୂର ହେବା ପର୍ଯ୍ୟନ୍ତ ସେ ଉକ୍ତ ସୈନ୍ୟଦଳକୁ ଅଟକାଇ ରଖନ୍ତୁ । ଅତଏବ୍ ହଜରତ ଉମର୍ ର:ଅ ଏବଂ ଅନ୍ୟାନ୍ୟ ବଡ଼ ବଡ଼ ସାହାବାଗଣ ହଜରତ ଅବୁ ବକର୍ ର:ଅଙ୍କ ଗୋଚରେ ଉପସ୍ଥିତ ହୋଇ ଏହି ଦରଖାସ୍ତ ପେଶ୍ କଲେ । ହଜରତ ଅବୁ ବକର୍ ଯେତେବେଳେ ଏକଥା ଶୁଣିଲେ, ଅତ୍ୟନ୍ତ କ୍ରୋଧିତ ହୋଇ କହିଲେ ଯେ କଣ ତୁମେମାନେ ଏହା ଚାହୁଁଛ ଯେ, ହଜୁର ସ:ଆ:ସଙ୍କ ସ୍ୱର୍ଗବାସ ପରେ ଅବୁ କାହାଫାର ପୁତ୍ର ସର୍ବପ୍ରଥମ କାର୍ଯ୍ୟ ଏହା କରୁ କି ଯେଉଁ ସୈନ୍ୟଦଳକୁ ହଜୁର ସ:ଆ:ସ ପ୍ରସ୍ଥାନ କରିବାର ଆଦେଶ ଦେଇଥିଲେ ସେ ତାହାକୁ ମଦିନାରେ ହିଁ ଅଟକାଇ ରଖୁ ?

ଅଲ୍ଲାଃଙ୍କ ରାଣ ! ଯଦି ଶତ୍ରୁର ସୈନ୍ୟଦଳ ମଦିନାରେ ପ୍ରବେଶ କରିଯାଆନ୍ତି ଏବଂ କୁକୁରମାନେ ମୁସଲମାନ ମହିଳାମାନଙ୍କ ମରଶରୀରକୁ ଘୋଷାରି ବୁଲନ୍ତି ତେବେ ସୁଦ୍ଧା ମୁଁ ଏହି ସୈନ୍ୟଦଳକୁ କଦାପି ଅଟକାଇ ରଖିବିନାହିଁ । ଯାହାକୁ ରସୁଲେ କରିମ୍ ସ:ଆ:ସ ସ୍ୱୟଂ ପ୍ରସ୍ତୁତ କରିଥିଲେ । ଏପରି ସାହାସ ଓ ବିରତ୍ୱ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କଠାରେ ଏଥିପାଇଁ ଉତ୍ପନ୍ନ ହୋଇଗଲା ଯେ ଏହି କଥା ପରମେଶ୍ୱର କହିଛନ୍ତି ଯେ:- ମୁହମ୍ମଦୁର୍ ରସୁଲୁଲ୍ଲାଃ ଓ୍ୱଲ୍ ଲଜିନା ମାଆହୁ ଅଶିଦାଉ ଅଲଲ୍ କୁଫାରି ଯେପରି କି ବିଦ୍ୟୁତଶକ୍ତି ସହିତ ସାମାନ୍ୟତମ ତାରଟିଏ ବି ଯୋଡ଼ି ହୋଇଗଲେ ଏକ ମହାନ ଶକ୍ତି ଉତ୍ପନ୍ନ ହୋଇଯାଇଥାଏ, ସେହିପରି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଫଳରେ ଆପଣ ସ:ଆ:ସଙ୍କ ଅନୁଗାମୀମାନେ ଅଶିଦାଉ ଅଲଲ୍ କୁଫାରିର ଦୃଷ୍ଟାନ୍ତ ସେମାନେ ପାଲଟି ଯାଇଥିଲେ । *(ସେରେ ରୁହାନୀ (୬) ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୨, ପୃ-୫୯୩-୫୯୪)*

ହଜରତ ମସିହ୍ ମଉଦ୍ ଆ:ସ ଉସାମାଙ୍କ ସେନାଙ୍କ ସମ୍ବନ୍ଧରେ ନିଜ ରଚିତ ପୁସ୍ତକ ସିର୍‌ରୁଲ୍ ଖିଲାଫାରେ ବର୍ଣ୍ଣନା କରିଛନ୍ତି ଯେ "ଇବ୍‌ନେ ଅସିର୍ ନିଜ ତାରିଖରେ ଲେଖିଛନ୍ତି ଯେ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କର ଦେହାନ୍ତ ହେଲା ଓ ଏ ଖବର ମକ୍କା ତଥା ସେଠିକାର ଗଭର୍ଣ୍ଣର ଅତାବ୍ ବିନ୍ ଅସିଦ୍‌କୁ ପହଂଚିଲା, ସେ ଲୁଚିଗଲା ମକ୍କା ଆନ୍ଦୋଳିତ ହେବାକୁ ଲାଗିଲା, ଏମିତି ଜଣା ପଡୁଥିଲା ସତେ ଯେମିତି ମକ୍କାବାସୀ ମୁର୍‌ତଦ୍ (ଅର୍ଥାତ ଧର୍ମକୁ ପରିତ୍ୟାଗ କରି ଧର୍ମଛଡ଼ା) ହୋଇଯିବେ । ପ୍ରତ୍ୟେକ କବିଲାରେ ବିଶେଷ ଲୋକେ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ବି ବିଶ୍ୱାସଘାତକତାର ଆଭାଷ ମିଳିବାକୁ ଲାଗିଲା । ଅର୍ଥାତ ତେବେ ପ୍ରତ୍ୟେକ ଗୋଷ୍ଠୀ ଅର୍ଥାତ ବିଶିଷ୍ଟ ଓ ସାଧାରଣ ଗୋଷ୍ଠୀରୁ ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ପ୍ରକାଶ୍ୟ ହୋଇଗଲା ଏବଂ ଯହୁଦୀ ଓ ଖ୍ରୀଷ୍ଟଧର୍ମୀମାନେ ମୁଣ୍ଡ ଟେକିବା ଆରମ୍ଭ କଲେ । ଗୋଟିଏ ପଟରେ ହଜୁର ସ:ଆ:ସଙ୍କର ପରଲୋକ ହୋଇଯାଇଥିଲା ତ ଅନ୍ୟ ପାର୍ଶ୍ୱରେ ମୁସଲମାନମାନଙ୍କର ସଂଖ୍ୟା ହ୍ରାସ ଘଟିଚାଲିଥିଲା ଓ ଶତ୍ରୁମାନଙ୍କ ସଂଖ୍ୟା ବଢ଼ି ଚାଲିଥିଲା ଯେପରି ବର୍ଷା ରାତିରେ ଛେଳି ମେଣ୍ଢାଙ୍କ ଅବସ୍ଥା ହୋଇଥାଏ ସେହିପରି ମୁସଲମାନମାନଙ୍କର ଅବସ୍ଥା ଅତି ସଙ୍କଟାପନ୍ନ ଓ ଭୟପ୍ରଦ ଥିଲା । ସୁତରାଂ ଲୋକମାନେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ କହିଲେ, ଏପରି ଉକ୍ତ ପରିସ୍ଥିତିରେ ଉସାମାଙ୍କ ସୈନ୍ୟଦଳକୁ ନିଜ ଠାରୁ ଦୁରେଇ ଦିଅନ୍ତୁନାହିଁ । ଏହା ଉଚିତ ହେବ ନାହିଁ । ଏଥିରେ ହଜରତ ଅବୁ ବକର୍ ର:ଅ ଉତର ଦେଲେ ସେହି ପରମେଶ୍ୱରଙ୍କ ରାଣ ! ଯାହାଙ୍କ ହାତ ମୁଠାରେ ମୋ ଜୀବନ ନାଟିକା ରହିଛି ଯଦି ମତେ ଏହି କଥାର ବିଶ୍ୱାସ ମଧ୍ୟ ହୋଇଯାଏ ଯେ ପକ୍ଷୀମାନେ ମତେ ଉଠାଇ ନେବେ ତଥାପି ମୁଁ ହଜୁର ସ:ଆ:ସଙ୍କ ପ୍ରସ୍ତୁତ ସୈନ୍ୟଟୁକୁଡ଼ିକୁ ନିଶ୍ଚିତ ରୂପେ ପ୍ରେରଣ କରିବି । ଯେଉଁ ନିର୍ଦ୍ଦେଶ ଓ ନିଷ୍ପତି ରସୁଲୁଲ୍ଲାଃ ସ:ଆ:ସ ଦେଇ ସାରିଛନ୍ତି ମୁଁ ତାହାକୁ କଦାପି ସ୍ଥଗିତ (ଅବା ପ୍ରତ୍ୟାଖ୍ୟାନ ଅବା ଅବମାନନା) *(ଉର୍ଦ୍ଦୁ ଅନୁବାଦ ସିର୍‌ରୁଲ୍ ଖିଲାଫାଃ, ପୃ-୧୮୮-୧୮୯, ହାଶିୟା, ପ୍ରକାଶକ- ନଜାରତ୍ ଇଶାଅତ୍ ରବଓ୍ୱା)*ବରଂ ତାହାକୁ ଠିକ୍ ଠିକ୍ ରୂପେ ପ୍ରଣୟନ କରିବି ।

ଅତଏବ ଆପଣ ନିର୍ଦ୍ଦେଶ ଦେଲେ ଯେ, ଯେଉଁମାନେ ଉସାମାଙ୍କ ସୈନ୍ୟଦଳରେ ସାମିଲ ଥିଲେ ସେମାନେ କଦାପି ପଛରେ ରହିଯାଆନ୍ତୁ ନାହିଁ ବରଂ ତାଙ୍କ ସୈନ୍ୟଦଳରେ ସାମିଲ ହୋଇ ମଦିନାରୁ ବାହାରି ଯାଆନ୍ତୁ । ଯେଉଁ ନିର୍ଦ୍ଦେଶ ସେମାନଙ୍କୁ ଦିଆଯାଇଛି ତାହାର ପାଳନ କରନ୍ତୁ । ମୁଁ କଦାପି ସେମାନଙ୍କୁ ପଛରେ ରହିବା ପାଇଁ ଅନୁମତି ଦେବିନାହିଁ । ଏପରି କି ଯଦି ସେମାନଙ୍କୁ ଚାଲି ଚାଲି ଯିବାକୁ ବି ପଡ଼େ ତା'ହେଲେ ମଧ୍ୟ ସେମାନେ ଯିବା ପାଇଁ ବାଧ୍ୟ । *(ଶରହ୍ ଜର୍‌କାନୀ, ଖଣ୍ଡ-୪, ପୃ-୧୫୫.... ବେରୁତ ୧୯୯୬)*

ସେ ଯାହା ହେଉ ଉକ୍ତ ସୈନ୍ୟଦଳଟି ପୁଣି ପ୍ରସ୍ତୁତ ହୋଇଗଲା । ଯଦିଚ କେତେକ ସାହାବା ପରସ୍ପର ମଧ୍ୟରେ ପରାମର୍ଶ କଲେ ଯେ, ବଡ଼ ବଡ଼ ସାହାବାମାନେ ଯାଇ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ନିବେଦନ କରନ୍ତୁ ଯେ ଏହି ବିଦ୍ରୋହ ଦୂର କରିବାପାଇଁ ତଥା ଯେଉଁ ଉକ୍ତ ପରିସ୍ଥିତି ସୃଷ୍ଟି ହୋଇଯାଇଛି, ତାହା ଦୂର ହେବା ପର୍ଯ୍ୟନ୍ତ ସେ ଏହି ସୈନ୍ୟଦଳକୁ ମଦିନାରେ ଅଟକାଇ ରଖନ୍ତୁ । ଆଉ ଏକ ରିଓ୍ୱାୟତ୍ ମୁତାବକ ହଜରତ ଉସାମା ର:ଅ ହଜରତ ଉମର ର:ଅଙ୍କୁ ମଧ୍ୟ ନିବେଦନ କରିଥିଲେ ଯେ ସେ ଯାଇ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ଉସାମାଙ୍କ ସୈନ୍ୟଦଳକୁ ପ୍ରେରଣ କରିବାକୁ ଥିବା ନିର୍ଦ୍ଦେଶକୁ ସ୍ଥଗିତ କରିଦିଅନ୍ତୁ । ଫଳତଃ ଆମ୍ଭେ ମୁର୍‌ତଦ୍ ହୋଇଯାଇଥିବା ଲୋକମାନଙ୍କ ସହିତ ଯାଇ ଲଢ଼ିପାରିବା ଏବଂ ରସୁଲଙ୍କ ଖଲିଫା, ରସୁଲୁଲ୍ଲାଃ ସ:ଆ:ସଙ୍କ ପତ୍ନୀମାନଙ୍କୁ ତଥା ମୁସଲମାନମାନଙ୍କୁ ମୁଶ୍‌ରିକ୍ ମାନଙ୍କ ଆକ୍ରମଣରୁ ସୁରକ୍ଷିତ ରଖିପାରିବା ହଜରତ ଉସାମାଙ୍କ

ସେନାଦଳରେ ସାମିଲ ଥିବା କିଛି ଅନ୍‌ସାର୍‌ମାନେ ହଜରତ ଉମର୍ ର:ଅଙ୍କୁ ଏକଥା ମଧ କହିଲେ ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ଖଲିଫା ହଜରତ ଅବୁ ବରକ୍ ର:ଅ ଯଦି ଉକ୍ତ ସୈନ୍ୟଦଳକୁ ପ୍ରେରଣ କରିବାପାଇଁ ମନସ୍ଥ କରିସାରିଛନ୍ତି ତେବେ ଉସାମାଙ୍କଠାରୁ କୌଣସି ବ୍ୟୋୟଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଅମୀର ମୃତୟନ କରି ପ୍ରେରଣ କରନ୍ତୁ। ଯେତେବେଳେ ଏହି କଥା ହଜରତ ଉମର ର:ଅ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, ;ସେତେବେଳେ ହଜରତ ଅବୁ ବକର୍ ର:ଅ ହଜରତ ଉମର ର:ଅଙ୍କ ଦାଢ଼ିକୁ ଧରିନେଲେ ଏବଂ କହିଲେ, ଅଲ୍ଲାଃଙ୍କ ରାଣ! ଯଦି ଶତ୍ରୁର ସୈନ୍ୟଦଳ ମଦିନାରେ ପ୍ରବେଶ କରିଯାଆନ୍ତି ଏବଂ କୁକୁରମାନେ ମୁସଲମାନ ମହିଳାମାନଙ୍କ ମରଶରିରକୁ ଘୋଷାରି ବୁଲନ୍ତି ତେବେ ସୁଦ୍ଧା ମୁଁ ଏହି ସୈନ୍ୟଦଳକୁ କଦାପି ଅଟକାଇବି ନାହିଁ ବରଂ ହଜୁର ସ:ଆ:ସଙ୍କ ଆଦେଶ ନିଶ୍ଚିତ ରୂପେ ପ୍ରଣୟନ କରିବି ଯଦି ଏହି ବସ୍ତିଗୁଡ଼ିକରେ ମୋ ବ୍ୟତୀତ ଆଉ କେହି ଜଣେ ବି ବାକି ନ ରହନ୍ତି, ତା'ହେଲେ ବି ମୁଁ ସେହି ନିଷ୍ପତିକୁ ପ୍ରଣୟନ କରିବି। ପୁଣି ହଜରତ ଉମର୍ ର:ଅ କହିଲେ ଯେ:- ଅନ୍‌ସାର୍‌ମାନେ ଏପରି ଜଣେ ବ୍ୟକ୍ତିଙ୍କୁ ଅମୀର୍ ଭାବରେ ଦେଖିବାକୁ ଚାହୁଁଛନ୍ତି, ଯିଏ ଉସାମାଙ୍କଠାରୁ ବୟସ୍କ ହୋଇଥିବେ। ଏ କଥାରେ ହଜରତ ଅବୁ ବକର୍ ର:ଅ ବସିବା ସ୍ଥାନରୁ ଛିଡ଼ା ହୋଇଗଲେ ଓ କହିଲେ ହେ ଇବ୍‌ନେ ଖତାବ୍! ତୁମ ମାତା ତୁମକୁ ହରାନ୍ତୁ। ମନେରଖ ହଜୁର ସ:ଆ:ସ ତାଙ୍କୁ ଏହି ଅମୀରତ୍ୱ (ଅର୍ଥାତ ସେନାଧକ୍ଷ) ପଦ ପ୍ରଦାନ କରିଥିଲେ ଆଉ ତୁମେ ମତେ କହୁଛ ଯେ ମୁଁ ତାଙ୍କୁ ସେଥିରୁ ସେହି ପଦରୁ ପଦଚ୍ୟୁତ କରିଦେବି। *(ଅଲ୍‌କାମିଲ୍ ଫିଲ୍ ତାରିଖ୍, ଖଣ୍ଡ-୨, ପୃ-୧୯୯-୨୦୦.... ବେରୁତ ୨୦୦୬)* ଏହା କଦାପି ସମ୍ଭବ ନୁହେଁ

ସେଥିଅନ୍ତେ ହଜରତ ଉମର ର:ଅ ଲୋକମାନଙ୍କ ଗହଣକୁ ଫେରି ଆସିଲେ। ତେବେ ସେତେବେଳେ ଲୋକମାନେ ତାଙ୍କୁ ପଚାରିଲେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ କଣ କହିଲେ? ହଜରତ ଉମର ର:ଅ ସମସ୍ତ ଘଟଣାର ବୃତାନ୍ତ କରି କହିଲେ, ଆଜି ତୁମମାନଙ୍କ ଯୋଗୁଁ ଖଲିଫାଙ୍କ ନିକଟରୁ ମତେ ହଟହଟା ହେବାକୁ ପଡ଼ିଲା। *(ତାରିଖୁଲ୍ ତିବ୍‌ରୀ...... ଖଣ୍ଡ-୨, ପୃ-୨୪୬........ ବେରୁତ ୨୦୧୨) (ସିରତୁଲ୍ ହଲ୍‌ବିୟା...... ଖଣ୍ଡ-୩, ପୃ-୨୯୩.... ବେରୁତ ୨୦୦୨)* ଅର୍ଥାତ:- ଖଲିଫା ମୋ କଥାକୁ ବହୁତ ଖରାପ ଭାବିଲେ।

ସେଥିଅନ୍ତେ ଯେତେବେଳେ ଉସାମାଙ୍କ ସୈନ୍ୟଦଳ ଏକତ୍ରିତ ହୋଇଗଲା ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ସେଠାରେ ପହଂଚିଲେ ଏବଂ ସୈନ୍ୟଦଳକୁ ଆଶ୍ୱାସନା ଦେଲେ ଓ ସେମାନଙ୍କର ଅନୁଧାନ କଲେ।

ଏହି ସୈନ୍ୟଦଳକୁ ପ୍ରେରଣ କରିବାର ଦୃଶ୍ୟ ମଧ ବେଶ୍ ଅଭୁତପୂର୍ବ ଥିଲା କାରଣ ସେତେବେଳେ ହଜରତ ଉସାମା ର:ଅ ବାହନ ଉପରେ ଆରୋହଣ କରିଥିବା ସ୍ଥଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଚାଲି ଚାଲି ଯାଉଥିଲେ। ଖଲିଫାଙ୍କୁ ଚାଲିବା ଓ ନିଜକୁ ଆରୋହଣ ଥିବା ଅବସ୍ଥାରେ ଦେଖି ହଜରତ ଉସାମା ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍‌ଙ୍କ ଖଲିଫା! ଆପଣ ବାହନରେ ଆରୋହଣ କରିନିଅନ୍ତୁ ନଚେତ ମତେ ଓହ୍ଲାଇ ଯିବାକୁ ଅନୁମତି ପ୍ରଦାନ କରନ୍ତୁ। ଏଥିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ କହିଲେ, ତୁମର କୌଣସି ବିକଳ୍ପକୁ ମୁଁ ସ୍ୱୀକାର କରିବିନାହିଁ। କଣ ମୁଁ ଅଲ୍ଲାଃଙ୍କ ମାର୍ଗରେ ନିଜ ପାଦକୁ ଧୂଳିମାଟି ବି କରିବିନାହିଁ? କାରଣ ଯୁଦ୍ଧରେ ସାମିଲ ହେବାକୁ ଉଠୁଥିବା ପାଦଟି ବଦଳରେ ସାତଶହଗୁଣ ପୂଣ୍ୟ ଲେଖା ଯାଇଥାଏ ଏବଂ ତାହାର ସାତଶହ ଅପକର୍ମ ପରମେଶ୍ୱର ଦୂର କରିଦେଇଥାନ୍ତି। *(ଅଲ୍‌କାମିଲ୍ ଫିଲ୍ ତାରିଖ୍, ଖଣ୍ଡ-୨, ପୃ-୨୦୦.... ବେରୁତ ୨୦୦୬)* ଶେଷରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ହଜରତ ଉସାମା ର:ଅଙ୍କୁ ବିଦାୟ ଦେଇ କହିଲେ, ଯଦି ଆପଣ ଉଚିତ ମଣନ୍ତି ତେବେ ହଜରତ ଉମର ର:ଅଙ୍କୁ ମୋର ସାହାଯ୍ୟ ନିମନ୍ତେ ଏଠାରେ ଛାଡ଼ି ଦେଇଯାଆନ୍ତୁ। ଏଥିରେ ହଜରତ ଉସାମା ର:ଅ ଏହାର ଅନୁମତି ଦେଇଦେଲେ। *(ତାରିଖୁଲ୍ ତିବ୍‌ରୀ...... ଖଣ୍ଡ-୨, ପୃ-୨୪୬........ ବେରୁତ ୨୦୧୨)*

ସେଥିଅନ୍ତେ ହଜରତ ଉମର ର:ଅ ଯେତେବେଳେ ମଧ୍ୟ ହଜରତ ଉସାମା ର:ଅଙ୍କ ସହିତ ସାକ୍ଷାତ କରୁଥିଲେ ତାଙ୍କୁ ଅସ୍‌ସଲାମୁ ଆଲୈକା ଅୟୋହଲ୍ ଅମୀର କହି ସମ୍ବୋଧନ କରୁଥିଲେ। ହଜରତ ଉମର ଯେତେବେଳେ ସୈନ୍ୟଦଳରେ ସାମିଲ ଥିଲେ ସେତେବେଳେ, ସେନାଧକ୍ଷ ଉସାମା ଥିଲେ, ତେଣୁ ଉମର ହଜରତ ଉସାମା ର:ଅଙ୍କୁ ସମ୍ବୋଧନ କରି କହୁଥିଲେ ଅସ୍‌ସଲାମୁ ଆଲୈକୁମ୍ ଉସାମା ଉତର ଦିଅନ୍ତି ଯେ **ଗଫରଲ୍ଲାହୁ ଲକା ୟା ଅମୀରୁଲ୍ ମୁମିନିନ୍** ଅର୍ଥାତ:- ହେ ଅମୀରୁଲ୍ ମୁମିନିନ୍! ଅଲ୍ଲାଃ ତାଲା ଆପଣଙ୍କ ସହିତ କ୍ଷମା ଆଚରଣ କରନ୍ତୁ। *(ସିରତୁଲ୍ ଅଲ୍‌ବିୟା, ଖଣ୍ଡ-୩, ପୃ-୨୯୪............ ବେରୁତ ୨୦୦୨)*

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଉସାମାଙ୍କ ସୈନ୍ୟଦଳକୁ ପ୍ରେରଣ କରିବା ସମୟରେ ଉଦ୍‌ବୋଧନ ଦେଇ କହିଲେ, ମୁଁ ତୁମକୁ ଦଶ ଗୋଟି ଉପଦେଶ ଦେଉଛି। ଯେପରି କି ତୁମେ ବିଶ୍ୱାସ ଘାତକତା କରିବ ନାହ. ମାଲେ ଗନିମତ୍‌ରୁ ଚୋରି କରିବ ନାହିଁ, ପ୍ରତିଜ୍ଞା ଭଙ୍ଗ କରିବ ନାହିଁ, କୌଣସି ବାଳକ ବୃଦ୍ଧ ଓ ମହିଳାଙ୍କୁ ହତ୍ୟା କରିବନାହିଁ, ଫଳପ୍ରଦାନକାରୀ ବୃକ୍ଷକୁ କାଟିବନାହିଁ, କୌଣସି ଛେଳି, ମେଣ୍ଢା ଓ ଗାଇ ଓ ଓଟକୁ ସେବନ କରିବା ବ୍ୟତିତ ଅଯଥାରେ ଜେଭ୍ କରିବନାହିଁ। ଗିର୍ଜା ପାଇଁ ନିଜକୁ ଉତ୍ସର୍ଗ କରିଥିବା ଦରବେସ୍‌ମାନଙ୍କୁ ଛାଡ଼ିଦେବ। ତାଙ୍କୁ ନୀହତ କରିବନାହିଁ। ଯଦି କେହି ତୁମକୁ କିଛି ଖାଇବାକୁ ଦିଅନ୍ତି ତେବେ ବିସ୍‌ମିଲ୍ଲାଃ ପଢ଼ି ତାହା ସେବନ କରିନେବ। ଏପରି ଲୋକମାନେ ଯେ ନିଜ ମସ୍ତକର ମଧଭାଗରେ ଚୁଟି ନଣ୍ଡା କରିଦେଇଥାନ୍ତି ଏବଂ ଚାରିପଟେ ପଟି କାଟିଲା ପରି ଚୁଟି ରଖିଥାନ୍ତି ସେମାନଙ୍କୁ କଦାପି ଛାଡ଼ିବନାହିଁ କାରଣ ସେମାନେ ମୁସଲମାନମାନଙ୍କୁ ଯୁଦ୍ଧ କରିବାକୁ ଉସୁକାଉଥାନ୍ତି ଏବଂ ମୁସଲମାନମାନଙ୍କ ବିପକ୍ଷରେ ସୈନ୍ୟସଜ୍ଜାରେ ସାମିଲ ହୋଇଥାନ୍ତି ତେଣୁ ସେମାନଙ୍କ ସହିତ ଅବଶ୍ୟ ଯୁଦ୍ଧ କରିବ। ସେମାନଙ୍କୁ ନୀପାତ କରିବ। ପୁଣି କହିଲେ, ଯେଉଁମାନେ ନିଜ ଜୀବନ ଉତ୍ସର୍ଗ କରି ଗିର୍ଜାରେ ପଡ଼ିରହିଛନ୍ତି ସେମାନଙ୍କୁ କ୍ଷତି ପହଂଚାଇବ ନାହିଁ କିନ୍ତୁ ଯେଉଁମାନେ ସେମାନଙ୍କ ପଛରେ ଚାଲିଥାଆନ୍ତି ସେମାନଙ୍କ ସହିତ ସୁନିଶ୍ଚିତ ରୂପେ ଯୁଦ୍ଧ କରିବା କାରଣ ସେମାନେ ଯୁଦ୍ଧର ଅଗ୍ନୀକୁ ପ୍ରଜ୍ୱଳିତ କାରୀ ଓ ଯୁଦ୍ଧରେ ସାମିଲ ହେବା ଲୋକ। ଲୋକମାନଙ୍କୁ ଭଡ଼କେଇବା ପଥଭ୍ରଷ୍ଟ କରିବା ତାଙ୍କର ଉଦ୍ଦେଶ୍ୟ। ଆପଣ ର:ଅ ଆହୁରି କହିଲେ ଯେ ତୁମେମାନେ ଅଲ୍ଲାଃଙ୍କ ମାର୍ଗରେ ବାହାରି ଯାଅ ପ୍ରଭୁ ତୁମକୁ ସମସ୍ତ ପ୍ରକାରର ଆଘାତ ରୋଗ ବ୍ୟାଧି ଓ ପ୍ଲେଗ୍‌ରୁ ସୁରକ୍ଷିତ ରଖନ୍ତୁ। *(ତାରିଖୁଲ୍ ତିବ୍‌ରୀ...... ଖଣ୍ଡ-୨, ପୃ-୨୪୬........ ବେରୁତ ୨୦୧୨)*

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ହଜରତ ଉସାମା ର:ଅଙ୍କୁ ଅଧିକନ୍ତୁ କହିଲେ, ହଜୁର ସ:ଆ:ସ ତୁମକୁ ଯାହା କରିବାର ନିର୍ଦ୍ଦେଶ ଦେଇଥିଲେ ତାହା ତୁମେ ନିଶ୍ଚିତ ସମ୍ପାଦନ କରିବ ସେଥିରେ କୌଣସି ପ୍ରକାରର ଅବହେଳା ପ୍ରଦର୍ଶନ କରିବ ନାହିଁ। *(ତାରିଖୁଲ୍ ତିବ୍‌ରୀ...... ଖଣ୍ଡ-୨, ପୃ-୨୪୬........ ବେରୁତ ୨୦୧୨)*

ତା' ପରେ ହଜରତ ଅବୁ ବକର୍ ର:ଅ ହଜରତ ଉମର୍ ର:ଅଙ୍କୁ ସାଥିରେ ଧରି ମଦିନା ଚାଲି ଆସିଲେ। *(ସିରତ ସୟଦନା ହଜରତ ଅବୁ ବକର୍ ସଦ୍ଦିକ୍ ର:ଅ...... ପୃ-୫୬୧)* ଉକ୍ତ ସୈନ୍ୟଦଳଟି ରବିଉଲ୍ ଅୱ୍ୱଲ୍ ମାସ ୧୧ ହିଜ୍‌ରୀର ଶେଷ ପ୍ରର୍ଯ୍ୟାୟରେ ମଦିନାରୁ ବାହାରି ଯାଇଥିଲା।

କୋଡ଼ିଏ ରାତ୍ରର ଦୀର୍ଘ ଯାତ୍ରା କରିବା ପରେ ଅହ୍‌ଲେ ଉବୁନା ବାସୀଙ୍କ ଉପରେ ହଠାତ୍ ଆକ୍ରମଣ କରି ସେମାନଙ୍କଠାରୁ ବିଗତ ଅତ୍ୟାଚାରର ପ୍ରତିଶୋଧ ନିବାରେ ମୁସଲମାନମାନେ ସଫଳ ହୋଇଯାଇଥିଲେ। ସେଠାରୁ ଅନେକ ଧନସମ୍ପତି ହାସଲ କରି ମଦିନା ଫେରିଥିଲେ। ମୁସଲମାନମାନଙ୍କର ଏହି ସ୍ଲୋଗାନ ଥିଲା **ୟା ମନ୍‌ସୁରୁ ଅମିତ୍** ଅର୍ଥାତ ହେ ମନ୍‌ଶୁର୍! ଯେ ମଧ ତୁମ ମୁକାବିଲାରେ ଆସିବ ତାହାକୁ ବନ୍ଧ କରିଦିଅ। ହଜରତ ଉସାମା ର:ଅ ନିଜ ପିତାଙ୍କ ଘୋଡ଼ା ଯାହାର ନାମ ଥିଲା ସବ୍‌ହା, ତା' ଉପରେ ସେ ଆରୋହଣ କରିଥିଲେ। ପୁଣି ସେ ଆକ୍ରମଣ କରି ନିଜ ପିତାଙ୍କ ହତ୍ୟାକାରୀଙ୍କୁ ବଦ୍ଧ କରିଦେଲେ ଯେତେବେଳେ ସଂନ୍ଧ୍ୟା ହୋଇଗଲା ସେତେବେଳେ ଉସାମା ନିଜ ସୈନ୍ୟଙ୍କୁ ପ୍ରସ୍ଥାନ କରିବାପାଇଁ ଆଦେଶ ଦେଲେ ଏବଂ ନିଜ ଯାତ୍ରା ତୀବ୍ର କରିଦେଲେ। ଆପଣ ର:ଅ ନଅ ରାତିରେ କ୍ରମାଗତ ଭାବରେ ଯାତ୍ରା କଲେ ଏବଂ ୱାଦିଲ୍ କୁରା ଅର୍ଥାତ କୁରା ନାମକ ଉପତ୍ୟାକାରେ ପହଂଚିଗଲେ ଏବଂ ନିଜ ବିଜୟର ସୁସମାଚାର ମଦିନାବାସୀଙ୍କୁ ଆଗତୁରା ଦେବାପାଇଁ ଜଣେ ସନ୍ଦେଶ ବାହକଙ୍କୁ ପ୍ରେରଣ କରିଦେଲେ, ଯେ ମାତ୍ରା ଛଅ ରାତ୍ରର ଯାତ୍ରା କରି ମଦିନାରେ ପହଂଚିଯାଇଥିଲେ। ଏହି ଯୁଦ୍ଧରେ ଜଣେ ହେଲେ ମଧ୍ୟ ମୁସଲମାନ ଶହୀଦ ହୋଇନଥିଲେ। ଉସାମା ର:ଅ ଓ ତାଙ୍କ ସୈନ୍ୟବାହିନୀ ମଦିନାରେ ପହଂଚିବା ପୂର୍ବରୁ ତାଙ୍କୁ ସ୍ୱାଗତ କରିବାପାଇଁ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ପ୍ରବାସକାରୀ ଓ ମଦିନାବାସୀଙ୍କ ସହିତ ତାଙ୍କୁ ଭେଟିବା ପାଇଁ ମଦିନାରୁ ବାହାରକୁ ବାହାରି ଆସିଲେ। ସେତେବେଳେ ହଜରତ ଉସାମା ର:ଅ ନିଜ ପିତାଙ୍କ ଘୋଡ଼ା ଉପରେ ଆରୋହଣ କରି ମଦିନାରେ ପ୍ରବେଶ କଲେ ଏବଂ ହଜରତ ବୁରେଦାଃ ବିନ୍ ହୁସୈବ୍ ତାଙ୍କ ଆଗେ ଆଗେ ଇସ୍‌ଲାମୀୟ ବାନା ବହନ କରିଥିଲେ ଏପରି କି ହଜରତ ଉସାମା ର:ଅ ମସ୍‌ଜିଦ୍ ନବୱିରେ ପ୍ରବେଶ କଲେ ଏବଂ ଦୁଇ ରେକାତ୍ ନମାଜ ପାଠ କରି ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କରିବା ପରେ ନିଜ ଘରକୁ ଚାଲିଗଲେ। *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୧୪୭, ସରିୟା ଉସାମା ବିନ୍ ଜୈଦ୍ ର:ଅ ମୁଦ୍ରିତ....... ବେରୁତ ୧୯୯୦)*

ବିଭିନ୍ନ ବର୍ଣ୍ଣନା ଅନୁଯାୟୀ ଏହି ସୈନ୍ୟଦଳଟି ୪୦ରୁ ୭୦ ଦିନ ପର୍ଯ୍ୟନ୍ତ ମଦିନାରୁ ବାହାରେ ରହିଥିଲା ଏବଂ ସେଥିଅନ୍ତେ ମଦିନା ଫେରିଥିଲା। *(ଅଲ୍‌କାମିଲ୍ ଫିଲ୍ ତାରିଖ୍, ଖଣ୍ଡ-୨, ପୃ-୨୦୦......... ବେରୁତ ୨୦୦୬)*

ଲେଖା ରହିଛି ହଜୁର ସ:ଆ:ସଙ୍କ ସହିତ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ କେତେ ଭଲ ପାଉଥିଲେ ଯେ ହଜରତ ଉସାମା ର:ଅଙ୍କୁ ଆଁ ହଜରତ ସ:ଆ:ସ ନିଜ ହାତରେ ସ୍ୱୟମ ପ୍ରସ୍ତୁତ କରି ଯେଉଁ ଧ୍ୱଜା ପ୍ରଦାନ କରିଥିଲେ ତାହା ସମ୍ବନ୍ଧରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ କହିଥିଲେ ଯେ ଏହା କିଭଳି ସମ୍ଭବ ଯେ, ହଜୁର ସ:ଆ:ସ ଯେଉଁ ଧ୍ୱଜାର ଗଣ୍ଠି ବାନ୍ଧିଛନ୍ତି, ଇବ୍‌ନେ ଅବୁ କାହାଫା ତାହାକୁ ଖୋଲି ଦେବ। ଅତଏବ ଉସାମା ମଦିନା ପ୍ରତ୍ୟାବର୍ତନ କରିବା ପରେ ମଧ ସେହି ଗଣ୍ଠିକୁ ଖୋଲା ଯାଇନଥିଲା ପରେ ମଧ ଉକ୍ତ ଧ୍ୱଜାଟି ଉସାମାଙ୍କ ଘରେ ସେହିପରି ରହିଥିଲା ଏପରି କି ହଜରତ ଉସାମାଙ୍କର ପରଲୋକ ହୋଇଯାଇଥିଲା। *(ଅଲ୍‌ମସିରତୁଲ୍ ଇସ୍‌ଲାମୀୟା ଲେ ଜୈଲିଲ୍ ଖିଲାଫତି ରାଶିଦାଃ... ଖଣ୍ଡ-୧, ପୃ-୩୪-୩୫, ଦାରୁସ୍ ସଲାମ୍ ୨୦୧୫)*

ହଜରତ ଉସାମା ର:ଅଙ୍କ ସୈନ୍ୟଦଳକୁ ପ୍ରେରଣ କରିବାର ମୁସଲମାନମାନଙ୍କୁ ବେସ୍ ଉତମ ପ୍ରତିଫଳ ଲାଭ ହୋଇଥିଲା। ଏତଦ୍ ଦ୍ୱାରା ଯେଉଁ ଲୋକମାନେ ଏକଥା କହୁଥିଲେ, ଯେ ବର୍ତମାନ ଯେଉଁ ପରିସ୍ଥିତି ଅଛି, ଏପରି ପରିସ୍ଥିତିରେ ଉସାମାଙ୍କ ସେନାକୁ ବାହାରକୁ ପଠା ନ ଯାଉ ବୋଲି ସେମାନେ ଏହା ଜାଣି ନେଇଥିଲେ ଯେ ଖଲିଫାଙ୍କ ନିଷ୍ପତି କିଭଳି ସମୟାନୁକୂଳ ଓ ଫଳପ୍ରଦକାରୀ ଅଟେ। ସେମାନେ ଜାଣିଗଲେ ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଅତ୍ୟନ୍ତ ଗମ୍ଭୀର ଦୂରଦ୍ରଷ୍ଟା ତଥା ବୁଦ୍ଧିମାନ ବ୍ୟକ୍ତି ଅଟନ୍ତି। ଦ୍ୱିତୀୟତଃ ଆରବର ଗୋଷ୍ଠୀ ସମୁହ ଉପରେ ତ

ମୁସଲମାନମାନେ ନିଜ ବୀରତ୍ୱର କାୟା ବିସ୍ତାର କରିସାରିଥିଲେ । ଏଥିଅନ୍ତେ ଆରବର ସୀମାବର୍ତୀ ଅଂଚଳରେ ଦୃଷ୍ଟି ନିକ୍ଷେପ କରି ରଖିଥିବା ବିଦେଶୀମାନଙ୍କ ଉପରେ ମଧ ମୁସଲମାନମାନଙ୍କର ଭୟ ଓ ପ୍ରଭୁତ୍ୱ ବିସ୍ତାର କରିନେଇଥିଲା । ରୋମୀ କହିବାକୁ ଲାଗିଲେ ଯେ ଏମାନେ କେଉଁ ପ୍ରକାରର ଲୋକେ ଯେ ଗୋଟିଏ ପଟରେ ସେମାନଙ୍କର ମୁନୀବ ମୃତ୍ୟୁବରଣ କରିନେଇଛନ୍ତି ତଥାପି ସେମାନେ ଏହାକୁ ପଛରେ ପକାଇ ଏହି ଘଟଣାକୁ ଖାତିର୍ ନ କରି ଆମ ଦେଶ ଉପରେ ଚଢ଼ାଉ କରିବାପାଇଁ ପହଂଚିଗଲେଣି । *(ସୟଦନା ଅବୁ ବକର ସିଦ୍ଦିକ୍ ର:ଅ ଅଜ୍ ସଲାବି, ପୃ-୨୫୮, ୨୬୮)*

ସୁପ୍ରଶିଦ୍ଧ ପାଶ୍ଚାତ୍ୟ ଐତିହାସିକ ସର୍ ଥୋମାସ୍ ଓ୍ୱକାର୍ ଆର୍ନଲ୍ଡ ଉସାମାଙ୍କ ସମ୍ବନ୍ଧରେ ଲେଖିଛନ୍ତି: [After the deathg of Muhammad, the army he had intended for Syria was despatched Inither by Abu Bakr, Inspite of the Protestations made by certain Muslims in view of the then disturbed State of Arabia, He silenced their expostulations with the words: "I will not revoke any order given by the Prophet. Medina may become the Prey of wild beasts, but the army must carry out the wishes of campaigns in which the Arabs Overran Syria, Persia and Northern Africa overturning the ancient kingdom of Persia and despoiling the Roman Empire of some of its fairest Provinces]. ଏହା ସେହି ଭବ୍ୟ ଅଭିଯାନ ମଧ୍ୟରୁ ପ୍ରଥମ ଅଭିଯାନ ଥିଲା ଯାହାର ପରିଣାମ ସ୍ୱରୁପ ମୁସଲମାନମାନେ ସିରିୟା, ଇରାନ୍, ଉତର ଆଫ୍ରିକା, ପୂରାତନ ଇରାନୀ ସାମ୍ରାଜ୍ୟକୁ ପରାଜିତ କରି ନିଜ ଅଧିକାର ଭୁକ୍ତ କରିନେଇଥିଲେ ଏବଂ ରୋମୀମାନଙ୍କ ସାମ୍ରାଜ୍ୟରୁ ସେମାନଙ୍କ ସର୍ବୋତମ ରାଜ୍ୟଗୁଡ଼ିକୁ ସ୍ୱାଧିନ କରିନେଇଥିଲେ । ଏହିପରି ଆଉ ଏକ ସ୍ଥାନରେ ଲେଖା ଅଛି: ଇନ୍‌ସାକ୍ଲୋପିଡ଼ିଆ ଅଫ୍ ଇସ୍‌ଲାମ୍‌ରେ The newly-elected caliph Abu Bakr Ordered the expedition to be resumed, in accordance with the prophet's wishes, though the tribes were already in revolt. Usama reached the region of al-Balka in Syria, where zayd had fallen, and raided the village of Ubana.... His victory brought joy to medina, depressed by news of the ridda, thus acquring an importance out of proportion to its real significance, whcih caused it later ot be regarded as the beginning of a compaigh for the conquest of Syria, (The Encyclopaedia of Islam Vol. 10, page-913 under Usama printed by Leiden brill 2000) ଅର୍ଥାତ:- ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଆଦେଶ ଦେଲେ ହଜୁର ସ:ଆ:ସ ହଜରତ ଉସାମା ର:ଅଙ୍କୁ ଯେଉଁ ଦାୟତ୍ୱ ପ୍ରଦାନ କରିଛନ୍ତି ତାହା ସେ ରିତିମତ ରୂପେ ସମ୍ପାଦନ କରିବାକୁ ବାହାରିଯିବେ । ଅତଏବ ଉସାମା ସିରିୟାର ଉବ୍‌ନା ବସ୍ତି ଉପରେ ଆକ୍ରମଣ କଲେ ଯେଉଁ ସ୍ଥଳେ ଜୈଦ୍ ର:ଅଙ୍କୁ ଶହୀଦ କରାଯାଇଥିଲା । ତେବେ ତାଙ୍କ ବିଜୟ ଖବର ମଦିନାରେ ଚହଳ ପକାଇ ଦେଇଥିଲା ଏବଂ ସମ୍ପୁର୍ଣ୍ଣ ମଦିନାରେ ଆନନ୍ଦର ଲହରୀ ଖେଳି ଯାଇଥିଲା । ଏହି ବିଜୟକୁ ସିରିୟା ବିଜୟର ମୂଳ ବୋଲି ମନେ କରାଯାଇଥିଲା ।

ଗୋଟିଏ ଚ୍ୟାଲେଞ୍ଜ ଯାହାକି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ସମ୍ମୁଖିନ କରିବାକୁ ପଡ଼ିଥିଲା ତାହା ଥିଲା ଅମାନ୍ୟକାରୀ ଦଳମାନଙ୍କର ଜକାତ୍ ଦେବାରୁ ବିରତ ରହିବା । ସେମାନଙ୍କର ବିଭିନ୍ନ ଶାଖା ମଧ୍ୟରୁ ଗୋଟିଏ ଦଳ ଯିଏ କି ଇସ୍‌ଲାମ୍‌ର ଅନୁଗାମିତ ଥିଲା କିନ୍ତୁ ଜକାତ୍ ଦେବାକୁ ଅସ୍ୱୀକାର କରିଦେଇଥିଲା ଓ ସମଗ୍ର ଆରବ ଇର୍‌ତିଦାଦ୍ (ଅର୍ଥାତ ଧର୍ମରୁ ଓହରିବା ପାଇଁ ପ୍ରସ୍ତୁତ ହୋଇଯାଇଥିଲା । ସେତେବେଳେ ହଜୁର ସ:ଆ:ସଙ୍କ ଦେହାନ୍ତର ଖବର ସମଗ୍ର ଆରବରେ ବିଦ୍ରୋହର ଅଗ୍ନୀ ପ୍ରଜ୍ୱଳିତ କରିଥିଲା । ଅଲାମା ଇବ୍‌ନେ ଇସ୍‌ହାକ୍ ର:ଅ କୁହନ୍ତି: ହଜୁର ସ:ଆ:ସଙ୍କ ଦେହାନ୍ତର ଖବର ସମଗ୍ର ଆରବରେ ଚହଳ ପକାଇ ଦେଇଥିଲା । ମାତ୍ର ଦୁଇଟି ମସ୍‌ଜିଦ୍‌ରେ ଅର୍ଥାତ ମକ୍କା ଓ ମଦିନାରେ ସାମୁହିକ ରୂପେ ନମାଜ ପାଠ ହେଉଥିଲା । *(ଅଲ୍‌ବିଦାୟା ୱନ୍ ନହାୟା....... ଖଣ୍ଡ-୩, ଭାଗ-୬, ପୃ-୩୦୯...... ବେରୁତ ୨୦୦୧)*

ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ପରେ ମକ୍କାବାସୀ ଇର୍‌ତିବାହରୁ ସୁରକ୍ଷିତ ଥିଲେ । ଏହାର ବିବରଣୀ ଏପରି ମିଳୁଛି ଯେ:- ସୁହେଲ୍ ବିନ୍ ଉମ୍‌ରୋ ଯିଏ ମକ୍କା ବିଜୟ ସମୟରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ ସେ ଅମାନ୍ୟକାରୀ ଅବସ୍ଥାରେ ମୁସଲମାନମାନଙ୍କ ହସ୍ତରେ ବଦର ଯୁଦ୍ଧରେ କଏଦୀ ହେଲେ । ସେ ନିଜର ଓଠରେ ଚିହ୍ନ କରିଦେଇଥିଲେ ଯଦ୍ୱାରା ସେ କଦାପି ହଜୁର ସ:ଆ:ସଙ୍କ ଖିଲାଫରେ କିଛି କହିପାରିବେ ନାହିଁ । ହଜରତ ଉମର ର:ଅ ସେହି ଅବସରରେ ଆଁ ହଜରତ ସ:ଆ:ସଙ୍କୁ କହିଥିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ତା'ର ସମ୍ମୁଖର ଦାନ୍ତକୁ ଭାଙ୍ଗି ବାହାର କରିବାପ ପାଇଁ ଅନୁମତି ଦିଅନ୍ତୁ । ଏଥିରେ ହଜୁର ସ:ଆ:ସ କହିଲେ ହେ ଉମର୍ ତାହାକୁ ଛାଡ଼ିଦିଅ ସମ୍ଭବତଃ ସେ ଏପରି ପାଲଟି ଯିବ ଯେ ତୁମେ ତାହାକୁ ଦେଖି ତାହାର ପ୍ରଶଂସା କରିବ ।

ହଜରତ ଉମର ର:ଅ ତ ତାହାକୁ ଦଣ୍ଡିତ କରିବାକୁ ଚାହୁଁଥିଲେ ସେ ଯାହା ହେଉ ସେହି ଅବସରଟି ସେତେବେଳେ ଆସିଥିଲା ଯେତେବେଳେ ହଜୁର ସ:ଆ:ସଙ୍କ ନୀଧନ ହେଲା ଫଳତଃ ମକ୍କାର ଲୋକମାନେ ସଙ୍କଟରେ ପଡ଼ିଗଲେ ଏବଂ ହଜରତ ଅତାବ୍ ବିନ୍ ଉସୈବ୍ ଯାହାଙ୍କୁ ହଜୁର ସ:ଆ:ସ ମକ୍କାର ଅମୀର ମୃତୟନ କରିଥିଲେ ସେ ଲୋକମାନଙ୍କ ଅବସ୍ଥା ଦେଖି ନିଜକୁ ଆତ୍ମ ଗୋପନ କରିନେଲେ । ସେତେବେଳେ ସୁହେଲ୍ ବିନ୍ ଉମ୍‌ରୋ ଛିଡ଼ା ହେଲେ ଏବଂ କହିଲେ, ହେ କୁରୈଶ୍‌ର ଲୋକମାନେ ! ତୁମେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ ସର୍ବପ୍ରଥମେ ତାହାର ଅମାନ୍ୟକାରୀ ପାଲଟି ଯାଅନାହିଁ । ପ୍ରଭୁଙ୍କ ରାଣ ! ଏହି ଧର୍ମ ଏହିପରି ଉନ୍ନତି ଲାଭ କରିବ, ବିକାଶ ଲାଭ କରିବ ଯେପରି ଚନ୍ଦ୍ର ଓ ସୂର୍ଯ୍ୟ ଉଦୟ ଓ ଅସ୍ତ ହେବା ପର୍ଯ୍ୟନ୍ତ ପ୍ରସାର ଲାଭ କରିଥାନ୍ତି । ଏହି ଅଭିଭାଷଣ ମକ୍କା ବାସୀଙ୍କୁ ଅତି ପ୍ରଭାବିତ କରିଥିଲା । ସେମାନେ ସ୍ୱଧର୍ମରୁ ଓହରି ଯିବାରୁ ବର୍ତି ଯାଇଥିଲେ । ହଜରତ ଅତାବ୍‌ଙ୍କୁ ଡ଼କାଗଲା ଯିଏ ଆତ୍ମ ଗୋପନ କରିନେଇଥିଲେ, ସେ ଆସି ନିଜ ବିଶ୍ୱାସରେ ପ୍ରତିଷ୍ଠିତ ହେଲେ,

ଆଉ ଯେଉଁମାନେ ବିପଥଗାମୀ ହେଲେ ସେମାନେ ଅନେକ ଦଳରେ ବିଭକ୍ତ ହୋଇଯାଇଥିଲେ । ଜଣେ ଜୀବନୀ ଲେଖାଳି ସେଥିସଂକ୍ରାନ୍ତରେ ଲେଖିଛନ୍ତି ଯେ:- ବିପଥଗାମୀଙ୍କ ମଧ୍ୟରୁ ତ କିଛି ଲୋକ ସମ୍ପୁର୍ଣ୍ଣ ରୂପେ ଓହରି ଯାଇଥିଲେ ଏବଂ ମୂର୍ତୀ ପୁଜକ ପାଲଟି ଯାଇଥିଲେ ଆଉ କିଛି ଅବତାର ହେବାର ଦାବି କରିଥିଲେ ଆଉ କିଛି ଇସ୍‌ଲାମ୍ ଉପରେ ଆପତି କରିବା ଆରମ୍ଭ କରିଦେଇଥିଲେ । କିଛି ନମାଜ ତ ପାଠ କରୁଥିଲେ କିନ୍ତୁ ଜକାତ୍ ଦେବାକୁ ମନା କରିଦେଇଥିଲେ, ଆଉ କିଛି ତ ଅପେକ୍ଷାରତ ରହିଥିଲେ ଯେ, ଯିଏ ଏଥିରେ ଜିତିବେ, ସେ ସେହିମାନଙ୍କ ସାଥିରେ ସାମିଲ ହୋଇଯିବେ । ଏହି ସବୁ ଅସୁବିଧାଗୁଡ଼ିକ ସମ୍ବନ୍ଧରେ ସିରତ ତଥା ଫିକାର ବିଦ୍ୱାନମାନେ ଉଲ୍ଲେଖ କରିଛନ୍ତି । ଇମାମ୍ ଖତାବି କୁହନ୍ତି ମୃତଦିନ୍ ଦୁଇ ପ୍ରକାରର ଥିଲେ । ପ୍ରଥମ ଦଳଟି ଧର୍ମତ୍ୟାଗ କରି ନିଜର ପୂର୍ବଧର୍ମକୁ ଚାଲିଯାଉଥିଲେ । ସେହି ଦଳଟି ମଧ ଦୁଇ ଭାଗରେ ବିଭକ୍ତ ହୋଇଥିଲେ । ଗୋଟିଏ ଦଳ ସେମାନଙ୍କର ଥିଲା ଯିଏ ମୁସ୍‌ଲେମା ବିନ୍ କଜାବ୍ ଓ ଅସ୍ୱଦ୍ ଅନ୍‌ସିଙ୍କ ଉପରେ ଇମାନ୍ ଆଣିଥିଲେ । ଏହି ଦୁଇଜଣ ସେମାନଙ୍କର ନେତା ଥିଲେ । ସେମାନେ ଏହି ଦୁଇଜଣଙ୍କୁ ନିଜର ନବୀ ମଣିଲେ ଏବଂ ହଜୁର ସ:ଆ:ସଙ୍କ ନବୁଓ୍ୱତ୍‌ର ଅମାନ୍ୟ କରିଦେଲେ । ଦ୍ୱିତୀୟ ଦଳଟି ସେହି ଲୋକମାନଙ୍କର ଥିଲା ଯେଉଁମାନେ ସମୁଳେ ଇସ୍‌ଲାମ୍ ଧର୍ମରୁ ଓହରି ଯାଇଥିଲେ, ନମାଜ ରୋଜା ଆଦି ପାଳନ କରିବାରୁ ନିବୃତ ରହିଯାଇଥିଲେ । ଅନ୍ୟଦଳଟି ନମାଜ ଓ ଜକାତ୍ ମଧ୍ୟରେ ଫରଗ୍ କଲେ ଅର୍ଥାତ ନମାଜ ତ ପାଠ କରୁଥିଲେ କିନ୍ତ ଜକାତ୍ ଦେବାକୁ ମନା କରିଦେଲେ । କିନ୍ତୁ ସେମାନଙ୍କ ମଧ୍ୟରେ ଏପରି ଲୋକ ମଧ ଅନ୍ତର୍ଭୁକ୍ତ ଥିଲେ ଯେ ଜକାତ୍ ଦେବାକୁ ଚାହୁଁଥିଲେ କିନ୍ତୁ ସେମାନଙ୍କ ସର୍‌ଦାରମାନେ ତାଙ୍କୁ ସେଥିରୁ ଅଟକାଇ ରଖିଥିଲେ ।

ବିପଥଗାମୀଙ୍କ ଏହି ବିଭକ୍ତି କରଣ କାଜି ଇୟାଜ୍ କରିଥିଲେ କିନ୍ତୁ ସେ ଏହାକୁ ତିନି ଭାଗରେ ବିଭକ୍ତ କରିଥିଲେ ପ୍ରଥମ ଦଳଟି ମୃତି ପୂଜକ ବା ପ୍ରତିମା ପୂଜକ ଅନେକେଶ୍ୱରବାଦୀ ହୋଇଯାଇଥିଲେ । ଦ୍ୱିତୀୟ ଦଳଟି ମୁସ୍‌ଲେମା ବିନ୍ କଜାବ୍ ଏବଂ ଅସ୍ୱଦ୍ ଉନ୍‌ସି ଏହି ଦୁଇଜଣ ଯିଏ ମିଥ୍ୟା ନବୁଓ୍ୱତ୍‌ର ଦାବୀ କରିଥିଲେ, ସେମାନେ ଏହି ଦୁଇଜଣଙ୍କ ଅନୁଗାମୀ ପାଲଟି ଯାଇଥିଲେ । ତୃତୀୟ ଦଳ ଯେ ଇସ୍‌ଲାମ୍ ଧର୍ମରେ ପ୍ରତିଷ୍ଠିତ ତ ଥିଲେ କିନ୍ତୁ ଯକାତ୍ ଦେବାକୁ ଅସ୍ୱୀକାର କରିଦେଲେ ।

ପୁନଶ୍ଚ ଡ଼କ୍ଟର ଅବ୍‌ଦୁର୍ ରହ୍‌ମାନ୍ ନାମକ ଜଣେ ବ୍ୟକ୍ତି କୁହନ୍ତି; ସେହି ମୁର୍‌ତଦ୍‌ମାନଙ୍କର ଦଳ ଚାରି କିସମର ଥିଲା (୧) ଅର୍ଥାତ ପ୍ରତିମା ପୁଜକ, (୨) ମୁସ୍‌ଲେମା ବିନ୍ କଜାବ୍ ଅସ୍‌ଓ୍ୱଦ୍ ଅନ୍‌ସି ଏବଂ ସଜାହ୍, ଯେଉଁମାନେ ମିଥ୍ୟା ନବୁଓ୍ୱତ୍‌ର ଦାବି କରିଥିଲେ, ସେମାନଙ୍କ ଅନୁଗାମୀ, (୩) ତୃତୀୟ ଇସ୍‌ଲାମ୍ ଧର୍ମରେ ପ୍ରତିଷ୍ଠିତ ଥିବା ଏପରି ଲୋକେ ଯେଉଁମାନେ ଜକାତ୍ ଦେବାକୁ ଅସ୍ୱୀକାର କରିଥିଲେ ଏବଂ (୪) ଚତୁର୍ଥ ଦଳ ଜକାତ୍ ଦେବାକୁ ତ ଅସ୍ୱୀକାର କଲେ ନାହିଁ, ହଁ ତାହା ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ଦେବାକୁ ମନା କରୁଥିଲେ ଯେ ଆମେ ଜକାତ୍ ତ ଦେବୁ କିନ୍ତୁ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ଦେବୁନାହିଁ । *(ହଜରତ ସୟଦନା ଅବୁ ବକର୍....... ପୃ-୨୭୨-୨୭୩....... ପାକିସ୍ତାନ)*

ସେହି କବିଲାର ଲୋକମାନେ, ଯେଉଁମାନେ ଜକାତ୍ ଦେବାକୁ ମନା କରିଦେଇଥିଲେ ସେମାନଙ୍କ ମଧ୍ୟରେ ମଦିନା ନିକଟସ୍ଥ କବିଲା ଅବସ୍ ଓ ଜୁବିୟାନ୍ ତଥା ବନୁ କିନାନା, ଗତ୍‌ଫାନ୍ ଓ ଫୁଜାରା ଆଦି ଗୋଷ୍ଠୀ ଥିଲେ । *(ହଜରତ ଅବୁ ବକର୍ ସିଦ୍ଦିକ୍....... ପୃ-୧୦୧....... ଲାହୋର୍)*

କବିଲା ହଓ୍ୱାଜିନ୍ ମଧ ଜକାତ୍ ଦେବାକୁ ମନା କରିଦେଇଥିଲେ । *(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୨୫୪.... ଲେବ୍‌ନାନ୍ ୨୦୧୨)*

ହଜରତ ଉମର୍ ର:ଅ ଏବଂ ଅନେକ ସାହାବାମାନଙ୍କର ଏହି ମତ ରହିଥିଲା ଯେ, ଆମେ ଅଲ୍ଲାଃ ଓ ରସୁଲ୍‌ଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକମାନଙ୍କ ଉପରେ କଦାପି ଅତ୍ୟାଚାର କରିବାନାହିଁ ବରଂ ସେମାନଙ୍କ ସହିତ ମିଳିତ ଭାବରେ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଉଦ୍ୟମ କରିବା ଉଚିତ । କେତେକ ଲୋକ ଏହି ରାୟରୁ ଭିନ୍ନ ମତ ମଧ ରଖୁଥିଲେ କିନ୍ତୁ ସେମାନଙ୍କ ସଂଖ୍ୟା ଖୁବ୍ କମ୍ ରହିଥିଲା । *(ହଜରତ ସୟଦନା ଅବୁ ବକର୍....... ପୃ-୧୩୫....... ଲାହୋର୍)*

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

ହଦିସରେ ବିଶେଷତଃ ସହି ବୁଖାରୀ ଓ ସହି ମୁସଲିମରେ ଏ ସ୍ୱଷ୍ଟିକରଣ କେଉଁଠାରେ ବି ମିଳୁନାହିଁ ଯେ ସୁନ୍ନତ୍ ନମାଜର ଚାରି ରେକାତରେ ସୁରଃ ଫାତିହା  ସହିତ ପବିତ୍ର କୁରଆନର କୌଣସି ଆୟତ ନିଶ୍ଚିତ ପଢାଯିବ । ଯେଉଁଭଳି ଫର୍ଜ ନମ୍ଜର କେବଳ ପ୍ରଥମ ଦୁଇ ରେକାତରେ ସୁରଃ ଫାତିହା ପରେ ପବିତ୍ର କୁରଆନର କୌଣସି ଆୟତ ପାଠ କରାଯାଏ ସେହିଭଳି ସୁନ୍ନତ୍ ନମାଜରେ ବି କେବଳ ପ୍ରଥମ ଦୁଇ ରେକାତରେ ହିଁ ସୁରଃ ଫାତିହା ପରେ ପବିତ୍ର କୁରଆନର କୌଣସି ଆୟତ ପାଠ କରାଯିବ । ତୃତୀୟ ଏବଂ ଚତୁର୍ଥ ରେକାତରେ କେବଳ ସୁରଃ ଫାତିହାକୁ ହିଁ ଯଥେଷ୍ଟ ମଣାଯିବ । ଏହା ହିଁ ମୋର ବିଶ୍ୱାସ ।

## *ସୟଦନା ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍ (ପଂଚମ) ଅ ବ ଅଙ୍କୁ ପଚରା ଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଗୁଡିକର ସାନ୍ତ୍ୱନାମୂଳକ ତଥା ସାରଗର୍ଭିକ ଉତର ।*

ନୋଟ୍ :- ସୟଦନା ହଜ୍ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

ଭାଗ : ୧୦

ପ୍ରଶ୍ନ-ଜଣେ ବନ୍ଧୁ ସୁନ୍ନତ୍ ନମାଜର ତୃତୀୟ ଏବଂ ଚତୃଥ ରେକାତରେ ସୁରଃ ଫାତିହା ସହିତ ପବିତ୍ର କୁରଆନର କିଛି ଅଂଶ ଅର୍ଥାତ ପବିତ୍ର କୁରଆନର କୌଣସି ଆୟତ ପଢିବ ପ୍ରସଙ୍ଗରେ ଜାଣିବାକୁ ଚାହିଁଲେ । ଏଥିରେ ସୟଦନା ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ .ବ .ଅ ନିଜର ଲିଖିତ ଚିଠି ୧୪ ମାର୍ଚ୍ଚ ୨୦୧୯ରେ ନିମ୍ନ ଲିଖିତ ଉତର ପ୍ରଦାନ କରିଥିଲେ ।

ହଜୁର ଅନଓ୍ୱର୍ ଅ .ବ .ଅ କହିଲେ:- ଉତର-ହଦିସରେ ଯେପରି ଫର୍ଜ ନମାଜଗୁଡିକର ପ୍ରଥମ ଦୁଇ ରେକାତରେ ସୁରଃ ଫାତିହା ସହିତ ପବିତ୍ର କୁରଆନର କୌଣସି ଆୟତ ପଢିବା ବିଷୟରେ ସ୍ୱଷ୍ଟ ଭାବରେ ବର୍ଣ୍ଣନା କରାଯାଇଅଛି ସେହିଭଳି କୌଣସି ହଦିସରେ, ବିଶେଷତଃ ବୁଖାରୀ ଓ ମୁସଲିମରେ କେଉଁଠି ଏ ସ୍ୱଷ୍ଟିକରଣ ମିଳୁନାହିଁ ଯେ ସୁନ୍ନତ ନମାଜର ଚାରି ରେକାତରେ ସୁରଃ ଫାତିହା ସହିତ ପବିତ୍ର କୁରଆନର କିଛି ଆୟତ ଜରୁର୍ ପଢାଯାଉ ।

ଫୋକହା (ଅର୍ଥାତ ଇସଲାମୀୟ ଧର୍ମଶସ୍ତ୍ରରେ ପ୍ରବିଣ ବିଦ୍ୱାନଗଣ)ଙ୍କର ମଧ୍ୟ ଏ ପ୍ରସଙ୍ଗରେ ମତଭେଦ ରହିଛି । ସୁତରାଂ ମାଲିକି ତଥା ହମ୍ବଲି ଫିର୍କାର ଲୋକମାନେ ସୁନ୍ନତର ପ୍ରତ୍ୟେକ ରେକାତରେ ସୁରଃ ଫାତିହା ସହିତ ପବିତ୍ର କୁରଆନର କିଛି ଅଂଶ ପାଠକରିଥାନ୍ତି । ଯେବେକି ହନ୍‌ଫି ଓ ଶାଫିଈ ଫିର୍କାର ଲୋକମାନେ ତୃତୀୟ ଓ ଚତୃଥ ରେକାତରେ ସୁରଃ ଫାତିହା ପରେ ପବିତ୍ର କୁରଆନର  କୌଣସି ଅଂଶ ପାଠକରିନଥାନ୍ତି ।

ହଜରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ)ରହେମହୁଲ୍ଲାହୁ ତାଲା ଙ୍କ ନିକଟରେ ଏ ମାମଲାରେ ଫର୍ଜ ନମାଜ ତଥା ସୁନ୍ନତ୍ ନମାଜ୍ ମଧ୍ୟରେ କୌଣସି ତଫାତ ନାହିଁ । ଯେଉଁଭଳି ଫର୍ଜ ନମାଜଗୁଡିକରେ କେବଳ ପ୍ରଥମ ଦୁଇ ରେକାତରେ ସୁରଃ ଫାତିହା ପରେ ପବିତ୍ର କୁରଆନର କୌଣସି ଅଂଶ ପାଠକରାଯାଇଥାଏ ଠିକ ସେହିଭଳି ସୁନ୍ନତ୍ ନମାଜଗୁଡିକର କେବଳ ପ୍ରଥମ ଦୁଇ ରେକାତରେ ସୁରଃ ଫାତିହା ପରେ ପବିତ୍ର କୁରଆନର କୌଣସି ଅଂଶ ପାଠକରାଯିବ । ତୃତୀୟ ଏବଂ ଚତୃଥ ରେକାତରେ କେବଳ ସୁରଃ ଫାତିହାକୁ ହିଁ ଯଥେଷ୍ଟ ମଣାଯିବ । ଏହା ହିଁ ମୋର ବିଶ୍ୱାସ ।

ପ୍ରଶ୍ନ-ଜଣେ ବନ୍ଧୁ ହଜୁର ଅନଓ୍ୱର୍ ଅ .ବ .ଅ ଙ୍କ ଗୋଚରେ ନିବେଦନ କଲେ ଯେ ଏବେ ଏବେ କୌଣସି ଏକ ଦେଶରେ ରଜମ୍ ଦଣ୍ଡ (ଅର୍ଥାତ ଦୋଷୀ ବ୍ୟକ୍ତିକୁ ଭୂମିରେ ଅଂଟା ପର୍ଯ୍ୟନ୍ତ ପୋତି ତାଉପରକୁ ପଥର ଫିଙ୍ଗି ଫିଙ୍ଗି ତାକୁ ମୃତ୍ୟୁ ଦଣ୍ଡ)ଦିଆଯାଇଅଛିଁ । ସେ ଜାଣିବାକୁ ଚାହିଁଲେ ଯେ କଣ ଏ ଯୁଗରେ ବି ରଜମ୍ ଦଣ୍ଡ ଦିଆଯାଇପାରିବ ? ହଜୁର ଅନଓ୍ୱର୍ ଅ .ବ .ଅ ନିଜର ଲିଖିତ ଚିଠି ୧୪ ମାର୍ଚ୍ଚ ୨୦୧୯ରେ ନିମ୍ନ ଲିଖିତ ଉତର ପ୍ରଦାନ କରି କହିଲେ:-

ଉତର- ଇସଲାମୀୟ ଶିକ୍ଷାରେ ଯେଉଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି,ତାହା କୌଣସି ଯୁଗ କିମ୍ବା ଦେଶ ସହିତ ନିର୍ଦ୍ଧିଷ୍ଟ ନୁହେଁ । ବରଂ ବୈଶ୍ୟୟିକ ଓ ସ୍ଥାୟୀ ବ୍ୟବସ୍ଥା । କିନ୍ତୁ ଇସଲାମୀୟ  ଦଣ୍ଡ ବ୍ୟବସ୍ଥା ବିଷୟରେ ଏ କଥା ସର୍ବଦା ବିଚାରଯୋଗ୍ୟ ହେବା ଉଚିତ ଯେ ,ସାଧାରଣତଃ ତାହାର ଦୁଇଟି ପାର୍ଶ୍ୱ ରହିଛି ଗୋଟି ହେଉଛି ଚରମ ଦଣ୍ଡ ବ୍ୟବସ୍ଥା   ଓ ଆଉଗୋଟିଏ ହେଉଛି ତାତୁଳନାରେ କମ୍ ଦଣ୍ଡ ବ୍ୟବସ୍ଥା । ଏହି ଦଣ୍ଡ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଏହା କି ଏହାଦ୍ୱାରା ମନ୍ଦ କାର୍ଯ୍ୟକୁ ରୋକାଯିବ ଏବଂ ଅନ୍ୟଲୋକମାନଙ୍କୁ ଏଥିରୁ ଶିକ୍ଷା ମିଳିବା ଓ ସେମାନଙ୍କ ପାଇଁ ଏହା ଏକ ଉଦାହରଣ ସୃଷ୍ଟି କରିବ ।

ଯଦି ଜନା (ଅର୍ଥାତ ବ୍ୟଭିଚାର)ଦୁଇ ପକ୍ଷର ସହମତି ଦ୍ୱାରା ହୋଇଥିବ ଓ ତାହା ଇସଲାମୀୟ ସାକ୍ଷ୍ୟ ଅନୁଯାୟୀ ପ୍ରମାଣିତ ହୋଇଯାଏ ତାହେଲେ ଦୁଇପକ୍ଷକୁ ଶହେ ଶହେ କୋରଡା (ଚାବୁକ ପ୍ରହାର)ଦଣ୍ଡ ଦେବାପାଇଁ ଆଦେଶ ଅଛି । କିନ୍ତୁ ଯେଉଁ ଜନା ଜୋର୍ ଜବରଦସ୍ତି କରାଯାଇଥାଏ ଓ ସେଥିରେ ଅତ୍ୟନ୍ତ ନିଷ୍ଠୁର ଓ ନିର୍ଦ୍ଦୟପୂର୍ଣ୍ଣ ଅତ୍ୟାଚାର କରାଯାଇଥିବ ବା କୌଣସି ବ୍ୟଭିଚାରକାରୀ ଛୋଟ ପିଲାଙ୍କୁ ନିଜ ଅତ୍ୟାଚାରର ଫାନ୍ଦରେ ପକାଇ ଏପରି ଘୃଣ୍ୟକାର୍ଯ୍ୟ କରିଥିବ ତାହେଲେ ଏପରି ଜାନିର ଦଣ୍ଡ କେବଳ ଶହେ କୋରଡା ମାଡ ତ ହୋଇପାରିବ ନାହିଁ । ଏପରି ଜାନିକୁ ପବିତ୍ର କୁରଆନର ସୁରଃ ଅଲମାଏଦାଃ ଆୟତ ନଂ:-୩୪ ଏବଂ ସୁରଃ ଅଲଅହଜାବ୍ ଆୟତ ନଂ:-୬୧-୬୩ ରେ ବର୍ଣ୍ଣିତ ଶିକ୍ଷା ଅନୁସାରେ ମୃତ୍ୟୁ ଦଣ୍ଡ ବା ସଙ୍ଗସାର୍ ଭଳି ଚରମ ଦଣ୍ଡ ବି ଦିଆଯାଇପାରେ । କନ୍ତୁ ଏହି ଦଣ୍ଡର ନିଷ୍ପତି କରିବାର କ୍ଷମତା କେବଳ ସେ ସମୟର ସରକାରଙ୍କ ହାତରେ ନ୍ୟସ୍ତ ରହିଛି । ଏହି ଶିକ୍ଷା ଜରିଆରେ ସରକାରଙ୍କ ପାଂଇ ଗୋଟିଏ ରାସ୍ତା ଖୋଲିଦିଆ ଯାଇଅଛି ।

ପ୍ରଶ୍ନ-ଜଣେ ବନ୍ଧୁ ଗୋଟିଏ ସମୟରେ ଦିଆଯଇଥିବା ତିନି ତଲାକ୍,କ୍ରୋଧିତ ଅବସ୍ଥାରେ ଦିଆଯାଇଥିବା ତଲାକ୍ ଏବଂ ତଲାକ୍ ପାଇଁ ଯେଉଁ ସାକ୍ଷ୍ୟପ୍ରମାଣର ବ୍ୟବସ୍ଥା ରହିଛି, ସେ ପ୍ରସଙ୍ଗରେ ଜାଣିବାକୁ ଚାହିଁଲେ । ହଜୁର ଅନଓ୍ୱର୍ ଅ .ବ .ଅ  ନିଜର ଲିଖିତ ଚିଠି ୦୧ ଜୁନ୍୨୦୧୯ରେ ନିମ୍ନ ଲିଖିତ ଉତର ପ୍ରଦାନ କରି କହିଲେ:-

ଉତର-ଯେବେ ଜଣେ ବ୍ୟକ୍ତି ନିଜ ପତ୍ନୀକୁ ସପୂର୍ଣ୍ଣ ସଚେତନ ଅବସ୍ଥାରେ ତଲାକ (ଛାଡପତ୍ର) ଦେଇଥାଏ,ତାହେଲେ ସେହି ତଲାକ୍ ମୌଖିକ ହୋଇଥାଉ ବା ଲିଖିତ, ଉଭୟ କ୍ଷେତ୍ରରେ ପ୍ରଭାବଶାଳୀ ହେବ । ଯଦିଓ ଗୋଟିଏ ବୈଠକରେ ଦିଆଯାଇଥିବା ତିନୋଟି ତଲାକକୁ କେବଳ ଗୋଟିଏ ତଲାକ ଭାବେ ଗଣାଯିବ । ସୁତରାଂ ହଦିସ ପୁସ୍ତକଗୁଡିକରେ ହଜରତ୍ ରକାନାଃ ବିନ୍ ର

ଅ ଅବଦ ଅଜିଜ୍ ଙ୍କର ଗୋଟିଏ ଘଟଣା ଏପରି ମିଳୁଛି ଯେ ସେ ନିଜ ସ୍ତ୍ରୀଙ୍କୁ ଗୋଟିଏ ସମୟରେ ତିନୋଟି ତଲାକ ଦେଇଥଲେ । ଯାହର ପଶ୍ଚାତାପ ତାଙ୍କୁ ପରେ ଅନୁଭବ ହେଲା । ଯେତେବେଳେ ଏହି ମାମଲା ଆଁ ହଜରତ୍ ସ ଆ ସ ଙ୍କ ନିକଟରେ ପହଁଚିଲା, ମହାଭାଗ ସ ଆ ସ କହିଲେ ଯେ-ଏହିପରି ପରିସ୍ଥିତିରେ ଗୋଟିଏ ତଲାକ ଗଣାଯିବ । ଯଦି ତୁମେ ଚାହିଁବ ତାହେଲେ ରୁଜୁ କରି (ଅର୍ଥାତ ନିଜ ପତ୍ନୀ ନିକଟକୁ ଫେରିଯାଇ)ପାରିବ । ଅତଏବ ସେ  ନିଜ ତଲାକରୁ ରୁଜୁ କରିନେଲେ । ପୁଣି ସେହି ପତ୍ନୀକୁ ହଜରତ୍ ଉମର୍ ର ଅ ଙ୍କ ଖିଲାଫତ୍ ସମୟରେ ଦ୍ୱିତୀୟ ଏବଂ ହଜରତ୍ ଉସମାନ୍ ର ଅ ଙ୍କ ଖିଲାଫତ୍ ସମୟରେ ତୃତୀୟ ତଲାକ୍ ଦେଇଥିଲେ । ***(ସୁନନେ ଅବୁ ଦାଉଦ୍,କିତାବୁଲ୍ ତଲାକ୍,ବାବ୍ ଫିଲ୍ ବତ୍‌ତାଃ)***

ହଜରତ୍ ମସିହ୍ ମଉଦ୍ ଆ ସ ଏ ସମ୍ବନ୍ଧରେ କହିଛନ୍ତି ଯେ :- ''ଏକା ଥରକେ ଦିଆଯାଇଥିବା ତଲାକ୍ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ତଲାକରେ ତିନୋଟି ତୁହୁର୍(ଅର୍ଥାତ ମହିଳାମାନଙ୍କର ରତୁଶ୍ରାବ ହୋଇସାରିବା ପରେ ସ୍ନାନ କରି ପବିତ୍ର ହେବା ଓ ଏହିପରି ତିନିଥର ହେବା)ଜରୁରୀ ହୋଇଥାଏ । ଫୋକହାଆ ମାନେ ଏକାଥରକେ ତିନୋଟି ତଲାକ୍ ଦେବାକୁ ବୈଧ ମଣିଛନ୍ତି । କିନ୍ତୁ ତାସହିତ ଏ ରାସ୍ତା ବି ରଖିଦେଇଛନ୍ତି ଯେ ଇଦତ୍(ଅର୍ଥାତ୍ ଧାର୍ଯ୍ୟ ସମୟ ପାର ହୋଇଯିବା)ପରେ ଯଦି ସ୍ୱାମୀ ରୁଜୁ କରିବାକୁ ଚାହେଁ ତାହେଲେ ସେହି ମହିଳା ଜଣକ ତାର ସେହି ସ୍ୱାମୀ ସହିତ ବିବାହ କରିପାରିବ ବା ଅନ୍ୟ କୌଣସି ପୁରୁଷକୁ ବି ବିବାହ କରିପାରିବ । ***''(ମଲଫୁଜାତ୍,ଖ-୫,ପୃ-୧୭,ମୁଦ୍ରିତ ୨୦୧୬)***

ସେହିପରି ଯେବେ କୌଣସି ଲୋକ ନିଜ ପତ୍ନୀକୁ ତଲାକ ଦିଏ ସେତେବେଳେ ସେ ତା ପତ୍ନୀର କୌଣସି ଅସହନିୟ ଆଚରଣ ତଥା ଅପଚୟ କାର୍ଯ୍ୟରେ କ୍ରୋଧିତ ହୋଇ ଏପରି ପଦକ୍ଷେପ ଉଠାଇଥାଏ । ସ୍ତ୍ରୀ ଉପରେ ଖୁସି ହୋଇ ଜଣେ ଏପରି କାମ କରିନଥାଏ । ଅର୍ଥାତ ଛାଡପତ୍ର ଦେଇନଥାଏ । ତେଣୁ ଏପରେ କ୍ରୋଧ ଅବସ୍ଥାରେ ଦିଆଯାଇଥିବା ତଲାକ୍ ମଧ୍ୟ ପ୍ରଭାବି ହେବ । କିନ୍ତୁ ଯଦି ଜଣେ ବ୍ୟକ୍ତି

ଏମିତି କ୍ରୋଧରେ ଥିଲା ଯେ ସେ ପାଗଳପ୍ରାୟ ହୋଇଯାଇଥିଲା ଓ ସେ ପରିଣାମ ବିଷୟରେ ଚିନ୍ତା ନକରି ସେ ଶୀଘ୍ର ଶୀଘ୍ର ତା ସ୍ତ୍ରୀକୁ ଛାଡପତ୍ର ଦେଇଦେଇଥିଲା କିନ୍ତୁ ସେହି ପାଗଳାମି ଅବସ୍ଥା ଦୂର ହେବା ପରେ ସେ ଅନୁତାପ ଓ ପଶ୍ଚାତାପ କରିଲା । ଏହିପରି ଅବସ୍ଥା ପାଇଁ ଅଲ୍ଲାଃ ତାଲା ପବିତ୍ର କୁରଆନରେ ନିର୍ଦ୍ଦେଶ ଦେଇଛନ୍ତି ଯେ : **ଲା ୟୁଆଖିଜୁ କୁମୁଲ୍ଲାହୁ ବିଲ୍ ଲଗଓି ଫି ଅଇମାନିକୁମ୍ .........ୱଲ୍ଲାହୁ ଗଫୁରୁନ୍ ହଲିମ୍ (ସୁରଃ ଅଲବକରାଃ:୨୨୬)**ଅର୍ଥାତ୍ ଅଲ୍ଲାଃ ତୁମମାନଙ୍କର ଅଯଥା ଶପଥ ଲାଗି ତୁମମାନଙ୍କୁ ଧରିବେ ନାହିଁ କିନ୍ତୁ ତୁମମାନଙ୍କ ଅନ୍ତର (ଇଚ୍ଛାକରି)ଯାହାକିଛି ପାପ କରିଥାଅ ସେଥିପାଇଁ ଅବଶ୍ୟ ସେ ତୁମମାନଙ୍କୁ ଧରିବେ ; ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ସହନଶୀଳ ।

ଯେଉଁଠି ତଲାକ ପାଇଁ ସାକ୍ଷୀ ଦେବା ବିଷୟ ରହିଛି,ତାହା ଏଇଥିପାଇଁ ଯେ ବିବାଦ ଉପୁଜିବା ସ୍ଥଳେ ନିସ୍ପତି କରିବା ସହଜ ହେବ । କିନ୍ତୁ ଯଦି ସ୍ୱାମୀ ସ୍ତ୍ରୀ ଛାଡପତ୍ର ନେବାପାଇଁ ସହମତ ଥିବେ ଓ ସେମାନଙ୍କ ମଧ୍ୟରେ କୌଣସି ଝଗଡା ତଥା ବିବାଦ ନାହିଁ ତାହେଲେ ବିନା କୌଣସି ସାକ୍ଷ୍ୟ ରେ ବି ଛାଡପତ୍ର ପ୍ରଭାବି ହେବ । ଅତଏବ ଛାଡପତ୍ର ନେବାପାଇଁ/ଦେବାପାଇଁ ସାକ୍ଷି ରହିବା ଏକ ସୁନ୍ଦର ପନ୍ଥା, କିନ୍ତୁ ଜରୁରୀ ନୁହେଁ । ସୁତରାଂ ପବିତ୍ର କୁରଆନରେ ଯେଉଁଠି ତଲାକ୍ ଓ ରୁଜୁ ଅବସ୍ଥାରେ ସାକ୍ଷି ଦେବା ପ୍ରସଙ୍ଗରେ ଉଲ୍ଲେଖ ରହିଛି ସେଠାରେ ତାକୁ ଏକ ଉପଦେଶ ଭାବରେ ଅଭିହିତ କରିଅଛି । ଅଲ୍ଲାଃ ତାଲା କୁହନ୍ତି :-**ଫଇଜା ବଲଗନା ଅଜଲହୁନ୍ନା ......ୟଜଅଲ୍ ଲହୁ ମଖ୍ରଜା (ସୁରଃ ତଲାକ୍:୦୩)** ଅର୍ଥାତ ଯେତେବେଳେ ମହିଳାମାନେ ଇଦଦତର ଶେଷ ସୀମାରେ ପହଂଚି ଯାଆନ୍ତି ସେତେବେଳେ ସେମାନଙ୍କୁ ସମୁଚିତ ପନ୍ଥାରେ ଅଟକାଅ ବା ସେମାନଙ୍କୁ ସମୁଚିତ ପନ୍ଥାରେ ବିଦାୟ ଦିଅ । ଏବଂ ତୁମମାନଙ୍କ ମଧ୍ୟରୁ ଦୁଇଜଣ ନ୍ୟାୟପରାୟଣ ସାକ୍ଷୀ ନିଯୁକ୍ତ କର ଏବଂ ଅଲ୍ଲାଃଙ୍କ ସକାଶେ ସତ୍ୟସାକ୍ଷ୍ୟ ପ୍ରଦାନ କର ; ତୁମମାନଙ୍କ ମଧ୍ୟରୁ ଯେକେହି ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ କରେ, ତାହାକୁ ଏହି ଉପଦେଶ ଦିଆଯାଉଅଛି ; ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରିବ, ଅଲ୍ଲାଃ ତା' ସକାଶେ କୌଣସି ନା କୌଣସି ପଥ ଉନ୍ମୁକ୍ତ କରିଦେବେ ।

ସୁତରାଂ ଚାରିଜଣଯାକ ଫୋକହାଆ ମଧ୍ୟ ଏ ପ୍ରସଙ୍ଗରେ ସହମତ ଯେ ଯଦି କୌଣସି ବ୍ୟକ୍ତି ବିନା କୌଣସି ସାକ୍ଷ୍ୟରେ ତଲାକ୍ ଦେଇଦିଏ ବା ରୁଜୁ କରେ ତା'ହେଲେ ତାହାର ତଲାକ ତଥା ରୁଜୁ ଉପରେ କୌଣସି ପ୍ରଭାବ ପଡିବ ନାହିଁ ।

ପ୍ରଶ୍ନ- ଜଣେ ବନ୍ଧୁ ହଜୁର ଅନୱ୍ୱର୍ ଅ .ବ .ଅ ଙ୍କ ଗୋଚରରେ ନିବେଦନ କରି ମାର୍ଗଦର୍ଶନ ଚାହିଁଲେ ଯେ ପବିତ୍ର କୁରଆନ ତିଲାୱ୍ୱତ୍ କରିବା ପରେ ''ସଦକଲ୍ଲାହୁଲ୍ ଅଜିମ୍ '' ପଢାଯିବା କେତେଦୂର ସମୀଚିନ ? ହଜୁର ଅନୱ୍ୱର୍ ଅ .ବ .ଅ ନିଜର ଚିଠି ଲିଖିତ ୧୧ ଜୁନ୍ ୨୦୧୯ ରେ ନିମ୍ନ ଲିଖିତ ଉତର ପ୍ରଦାନ କରି କହିଲେ:-

ଉତର- ମୁଁ ଏ ପ୍ରସଙ୍ଗରେ ଗବେଷଣା କରାଇସାରିଛି । ଯେଉଁମାନେ ଏହାର ବୈଧତା ଉପରେ ବିଶ୍ୱାସ କରୁଛନ୍ତି ସେମନେ ପବିତ୍ର କୁରଆନର କେତେକ ଆୟାତ ତଥା ହଦିସରୁ ଏ ଯୁକ୍ତି ବାଢି ଏହାର ବୈଧତା ବିଷୟରେ ରାସ୍ତା ବାହାରକରିଛନ୍ତି । ମୋ ମତରେ ବି ଯଦି ଜଣେ ତିଲାୱ୍ୱତ୍ କରିବାପରେ ଏହି ବାକ୍ୟକୁ ପଢି ବି ନିଏ ଏଥିରେ କୌଣସି ଅସୁବିଧା ନାହିଁ । କାରଣ ଏଥିରେ କୌଣସି ଖରାପ କଥା ତ ନାହିଁ ବରଂ ଅଲ୍ଲାଃତାଲାଙ୍କ ବାଣୀର ସତ୍ୟତା ପ୍ରତିପାଦନ ହେଉଅଛି । କିନ୍ତୁ ଏହି ବାକ୍ୟର ଅର୍ଥ ଜାଣିବା ବିନା କେବଳ ଏକ ପ୍ରଥା ଭାବରେ ତାହାର ଆବୃତି କରିବା ଏକ ଅର୍ଥହିନ କଥା ହେବ ।

ପ୍ରଶ୍ନ- ଜଣେ ବନ୍ଧୁ ହଜୁର ଅନୱ୍ୱର୍ ଅ .ବ .ଅ ଙ୍କ ଗୋଚରରେ ନିବେଦନ କରି ମାର୍ଗଦର୍ଶନ ଚାହିଁଲେ ଯେ ରମଜାନ୍ ମାସରେ ରୋଜଦାର ପାଇଁ ଯେଉଁ ଛାଡ ରହିଛି ସେ ପ୍ରସଙ୍ଗରେ ସୟଦନା ହଜରତ୍ ମସିହ୍ ମଉଦ୍ ଆ ସ ଏବଂ ହଜରତ୍ ମୁସଲେହ୍ ମଉଦ୍ ର ଅ ଙ୍କ କିଛି ଉପଦେଶାବଳୀ ଉପସ୍ଥାପନ କରି ସେମାନଙ୍କ ପାରସ୍ପାରିକ ପ୍ରୟୋଗ ଉପରେ ମାର୍ଗଦର୍ଶନ ଚାହିଁଲେ । ହଜୁର ଅନୱ୍ୱର୍ ଅ .ବ .ଅ ନିଜର ଚିଠି ଲିଖିତ ୧୧ ଜୁନ୍ ୨୦୧୯ ରେ ନିମ୍ନ ଲିଖିତ ଉତର ପ୍ରଦାନ କରି କହିଲେ:-

ଉତର- ଆପଣଙ୍କ ଚିଠିରେ ବର୍ଣ୍ଣିତ ଦୁଇ ପ୍ରକାରର ଉପଦେଶାବଳୀ ମଧ୍ୟରେ କୌଣସି ମତପାର୍ଥକ୍ୟ ନାହିଁ । ହଜରତ୍ ମସିହ୍ ମଉଦ୍ ଆ ସ ଏବଂ ହଜରତ୍ ମୁସଲେହ୍ ମଉଦ୍ ର ଅ ଦୁଇଜଣ ଙ୍କର ପବିତ୍ର କୁରଆନ ର ସ୍ପଷ୍ଟ ନିର୍ଦ୍ଦେଶାନୁସାରେ ଏହି ଆଦେଶ ରହିଛି ଯେ ମୁସାଫିର୍ (ଯାତ୍ରୀ) ଏବଂ ରୋଗୀ ଙ୍କୁ ରୋଜା ରଖିବା ଉଚିତ ନୁହେଁ । ଯଦି କୌଣସି ବ୍ୟକ୍ତି ବେମାର ଥିବା ଅବସ୍ଥାରେ ବା ଯାତ୍ରା କରିବା ପରିସ୍ଥିତିରେ ରୋଜା ରଖୁଛି ତା'ହେଲେ ସେ ଖୁଦାତାଲାଙ୍କ ସ୍ପଷ୍ଟ ଆଦେଶର ଅବମାନନା କରୁଅଛି ।

ଯେଉଁଠି ହଜରତ୍ ମୁସଲେହ୍ ମଉଦ୍ ର ଅ ଙ୍କ କଥନ ''ରୋଜାରେ ଯାତ୍ରା ରହିଛି-ଯାତ୍ରାରେ ରୋଜା ନାହିଁ ''ର ବିଷୟ ରହିଛି ସେଠି ଯଦି ସେହି ସମଗ୍ର ଖୁତବାଟିକୁ ପଢାଯାଏ ତା'ହେଲେ କଥା ସ୍ପଷ୍ଟ ହୋଇଯାଉଛି ଯେ ହଜୁର୍ ବାସ୍ତବିକ ଏଥିରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଛନ୍ତି ଯେ ଏପରି ଯାତ୍ରା ଯାହା ନିୟମିତ ପ୍ରସ୍ତୁତି ସହିତ ଜିନିଷପତ୍ର ବନ୍ଧାବନ୍ଧି କରି ସଫର୍(ଯାତ୍ରା)ଉଦ୍ଦେଶ୍ୟରେ କରାଯାଏ, ସେହି ସଫର୍‌ଟି ଛୋଟ ହୋଇଥାଉ ନା କାହିଁକି ସେଥିରେ ଶରିୟତ୍ ରୋଜା ରଖିବା ପାଇଁ ମନାକରିଥାଏ । କିନ୍ତୁ ଏପରି ଯାତ୍ରା ଯାହା ବୁଲାବୁଲି ତଥା ଭ୍ରମଣ କରିବା ଉଦ୍ଦେଶ୍ୟରେ କରାଯାଏ ବା କୌଣସି Trip ଏବଂ Enjoyment ପାଇଁ କରାଯାଏ,ତାହା ରୋଜା ରଖିବା ଦୃଷ୍ଟିକୋଣରୁ ଯାତ୍ରାରେ ଗଣନା ହେବନାହିଁ ଓ ସେଥିରେ ରୋଜା ରଖାଯିବ । ଅତଏବ ସଫର୍(ଯାତ୍ରା)କରିବା ଅବସ୍ଥାରେ ରୋଜା ରଖିବା ପ୍ରସଙ୍ଗରେ ଆପଣ ର ଅ ଙ୍କ ଅନ୍ୟାନ୍ୟ ଉପଦେଶାବଳୀଗୁଡିକ ବି ଏହି ଦୃଷ୍ଟିକୋଣକୁ ସମର୍ଥନ କରୁଅଛି ।

ପ୍ରଶ୍ନ-ଜଣେ ବନ୍ଧୁ ହଜୁର ଅନୱ୍ୱର୍ ଅ .ବ .ଅ ଙ୍କ ଗୋଚରରେ ନିବେଦନ କରି ମାର୍ଗଦର୍ଶନ ଚାହିଁଲେ ଯେ କଣ ଝିଅଟି ନିଜ ନିକାହ୍ ଅବସରରେ ନିଜେ ଏଜାବ ୱ୍ୱ କୁବୁଲ୍ (ଅର୍ଥାତ ସଭାରେ ନିଜେ ଛିଡା ହୋଇ ନିକାହ ନିମନ୍ତେ ସମ୍ମତି ପ୍ରଦାନ)କରିପାରିବ ଏବଂ କଣ ନିକାହ୍ ଘୋଷଣା ଅବସରରେ ହକ୍ ମହର୍ (ପତ୍ନୀର ପ୍ରାପ୍ୟ)ବିଷୟରେ ଚର୍ଚ୍ଚା କରିବା ଜରୁରୀ ? ହଜୁର ଅନୱ୍ୱର୍ ଅ .ବ .ଅ ନିଜର ଚିଠି ଲିଖିତ ୨୨ ଜୁଲାଇ ୨୦୧୯ ରେ ନିମ୍ନ ଲିଖିତ ଉତର ପ୍ରଦାନ କରି କହିଲେ:-

ଉତର- ଅଲ୍ଲାଃତାଲା ପବିତ୍ର କୁରଆନରେ ଯେଉଁଠି ମୁସଲମାନ୍ ପୁରୁଷମାନଙ୍କୁ ମୋମିନ୍ ମହିଳାମାନଙ୍କ ସହିତ ନିକାହ୍ କରିବା ଓ ମୁସଲମାନ୍ ମହିଳାମାନଙ୍କୁ ମୋମିନ୍ ପୁରୁଷମାନଙ୍କ ସହିତ ନିକାହ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛି ସେଠି ଅଲ୍ଲାଃତାଲା ପୁରୁଷ ଏବଂ ମହିଳା ଉଭୟଙ୍କ ନିମନ୍ତେ ଅଲଗା ଅଲଗା ବାକ୍ୟ ବ୍ୟବହାର କରିଅଛି । ଉଦାହରଣ ସ୍ୱରୂପ ପୁରୁଷମାନଙ୍କ ନିମନ୍ତେ କହିଛି ''ୱ୍ୱଲା ତନକିହୁଲ୍ ମୁଶରିକାତେ''ଅର୍ଥାତ ତୁମେମାନେ ମୁଶରିକ୍ (ଅର୍ଥାତ ଅନେକେଶ୍ୱରବାଦୀ)ମହିଳାମାନଙ୍କୁ ବିବାହ କରନାହିଁ । ମହିଳାମାନଙ୍କ ପାଇଁ କହିଲେ ''ୱ୍ୱଲା ତୁନକିହୁଲ୍ ମୁଶରିକୀନା''ଅର୍ଥାତ ତୁମେମାନେ(ନିଜ ଝିଅମାନଙ୍କୁ) ମୁଶରିକ୍ (ଅର୍ଥାତ ଅନେକେଶ୍ୱରବାଦୀ) ପୁରୁଷମାନଙ୍କ ସହିତ ବିବାହ କରାଅ ନାହିଁ ।

ସୁତରାଂ ଏହି ଆୟତରେ ଅଲ୍ଲାଃତାଲା ମହିଳାମାନଙ୍କ ଅଭିଭାବକ(ୱ୍ୱଲି)ଙ୍କ ଉପରେ ସେମାନଙ୍କ ନିକାହ୍ ର ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ତେଣୁ ନିକାହ୍ ଘୋଷଣା ସମୟରେ ଝିଅ ତରଫରୁ ତା ୱ୍ୱଲି (ଅଭିଭାବକ) ଏଜାବ ୱ୍ୱ କୁବୁଲ୍ କରିଥାଏ । ହଜରତ୍ ମସିହ୍ ମଉଦ୍ ଆ ସ ଏହି ବିଷୟରେ ଧ୍ୟାନ ଆକର୍ଷଣ କରାଇ କହିଛନ୍ତି :-

''ମହିଳା ସ୍ୱୟଂ ନିକାହ୍ କରିବାର ଅଧିକାର ରଖୁନାହିଁ ବରଂ ସେ ସମୟର ହାକିମଙ୍କ ଜରିଆରେ ନିକାହକୁ ଭାଙ୍ଗିଦେଇପାରିବେ । ଯେମିତି ସେ ୱ୍ୱଲିଙ୍କ ଜରିଆରେ ନିକାହ୍ କରାଇପାରେ ''। ***(ଆର୍ୟା ଧରମ୍ ପୃ-୩୨, ରୁହାନି ଖଜାଇନ୍ ଖ-୧୦ ପୃ-୩୭)***

ଅତଏବ୍ ନିକାହ୍ ଘୋଷଣା ଅବସରରେ ଏଜାବ ୱ୍ୱ କୁବୁଲ୍ ସମୟରେ ଝିଅ ତରଫରୁ ତା ୱ୍ୱଲି ଏହି କର୍ତବ୍ୟକୁ ନିର୍ବାହ କରିବ ଓ ଏହା ହିଁ ଆମ ଜମାଅତ୍‌ର ପ୍ରଥା ।

ଯେଉଁଠି ନିକାହ୍ ଘୋଷଣା ଅବସରରେ ହକ ମହର୍ କଥା ଉଠୁଛି ,ସେଠି ଏ ବିଷୟରେ ଚର୍ଚ୍ଚା କରିବା କିଛି ଜରୁରୀ ନୁହେଁ । କାରଣ ପବିତ୍ର କୁରଆନର ନିର୍ଦ୍ଦେଶାବଳୀ ଅନୁସାରେ ହକ୍ ମହର୍ ନିର୍ଦ୍ଧାରିତ କରିବା ବିନା ମଧ୍ୟ ନିକାହ୍ ହୋଇପାରିବ । ଅଲ୍ଲାଃ ତାଲା କହିଛନ୍ତି :- ***ଲା ଜୁନାହା ଆଲୈକୁମ୍ ଇନ୍ ତଲ୍ଲକତୁମୁନ୍ ନିସାଆ ମା ଲମ୍ ୟମୁସ୍‌ସୁହୁନ୍ନା .........ହକ୍କନ୍ ଅଲଲ୍ ମୁହସିନିନ୍ (ସୁରଃ ବକରଃ:୨୩୭)*** ଅର୍ଥାତ : ଯଦି ତୁମେମାନେ ନିଜ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

ପତ୍ନୀମାନଙ୍କୁ ସ୍ପର୍ଶ ନକରିଥିବା ବା ହକ ମହର୍ ସ୍ଥିର ନକରିଥିବା ଅବସ୍ଥାରେ ମଧ୍ୟ ତଲାକ୍ ଦିଅ ତେବେ ସେଥିରେ ତୁମମାନଙ୍କର କୌଣସି ପାପ ହେବ ନାହିଁ । ଏବଂ (ଏପରି ପରିସ୍ଥିତିରେ ଉଚିତ ହେବ ଯେ) ତୁମେମାନେ ସେମାନଙ୍କୁ ସମୁଚିତ ପନ୍ଥାରେ କିଛି ସାମଗ୍ରୀ ଦେଇଦିଅ ; (ଏହି ବିଷୟ)ଧନବାନ୍ ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁସାରେ ଓ ଦରିଦ୍ର ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁସାରେ(ଦେବା ଆବଶ୍ୟକ); (ଆମ୍ଭେ)ପୁଣ୍ୟବାନ୍ ବ୍ୟକ୍ତିଙ୍କ ପାଇଁ (ଏପରି କରିବା)ଧାର୍ଯ୍ୟ କରିଛୁ ।

ପ୍ରଶ୍ନ-ହଜୁର୍ ଅନଓ୍ୱର୍ ଅ ବ ଅ ଙ୍କ ସହିତ ନ୍ୟାଶନାଲ୍ ମଜଲିସ୍ ଆମେଲା ସ୍ୱିଡେନର Virtual ସାକ୍ଷାତକାର୍ ୨୯ ଅଗଷ୍ଟ ୨୦୨୦ ରେ ହଜୁର୍ ଅନଓ୍ୱର୍ ଅ ବ ଅ ଏହି ସାକ୍ଷାତକାରର ଗୋଟିଏ ଦିନ ପୂର୍ବରୁ ଇସଲାମ୍ ବିରୋଧି ସଂଗଠନ ତରଫରୁ ସ୍ୱିଡେନରେ ପବିତ୍ର କୁରଆନକୁ ଜଳାଇବାକୁ ନିନ୍ଦା , ଏହାର କାରଣ ଏବଂ ଆଉପରେ ଜଣେ ଅହେମଦୀ ମୁସଲମାନର ପ୍ରତିକ୍ରୀୟା ସମ୍ବନ୍ଧରେ ମାର୍ଗଦର୍ଶନ କରି କହିଲେ ଯେ:- ଏଠାରେ ମୁଁ ଶୁଣିବାକୁ ପାଇଛି ଯେ ଗତ କାଲି ରାତିରେ ବିଶୃଙ୍ଖଳା ସୃଷ୍ଟି ହୋଇଛି । ଏହାର ପ୍ରଭାବ ଆପଣଙ୍କ ସହର ତଥା ଆପଣଙ୍କ ଇଲାକାରେ ତ ହୋଇନାହିଁ ? ଶ୍ରୀମାନ ଅମୀର୍ ସାହେବ୍ ସ୍ୱୀଡେନ୍ ଙ୍କ ଉତର ଶୁଣିଲେ ଯେ ରାତିରେ ତ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । କିନ୍ତୁ ବର୍ତମାନ ପରିସ୍ଥିତି ଠିକ୍ ଅଛି । ଏଥିରେ ହଜୁର୍ ଅନଓ୍ୱର୍ ଅ ବ ଅ କହିଲେ :-

ଉତର-ଏବେ ଇସଲାମ୍ ସମ୍ବନ୍ଧରେ ଯେଉଁ Misconception ରହିଛି ତାହାକୁ ଆପଣମାନେ ହିଁ ଦୂର କରିବେ । ଯେଉଁ ଲୋକଟି ପବିତ୍ର କୁରଆନକୁ ଜଳାଇବା କଥା କହୁଛି ଏକଥା ତ ଠିକ୍ ଯେ ପୋଲିସ ତାକୁ ଏଥିସକାଶେ ଅନୁମତି ଦେଲାନାହିଁ । କିନ୍ତୁ ତାସହିତ ପୋଲିସ୍ ତାକୁ ଏକଥା ବି କହିଦେଇଛି ଯେ ତାକୁ ଅପିଲ୍ କରିବାର ଅଧିକାର ଅଛି । ସେ ଅପିଲ୍ କରିପାରିବ । ତାର ଯେଉଁ କିଛି Followers ଥିଲେ ବା ତା ଗ୍ରୁପର ଲୋକମାନେ ଥିଲେ , ସେମାନେ ପାର୍କରେ ଯାଇ କାଲି ରାତିରେ ପବିତ୍ର କୁରଆନକୁ ଜଳାଇ ବି ଦେଲେ । ଦେଖନ୍ତୁ ଏପରି କାହିଁକି ହେଉଅଛି ? ଏଇଥିପାଇଁ ଯେ ସେମାନଙ୍କୁ ଏକଥା ଜଣା ହିଁ ନାହିଁ ଯେ ଇସଲାମର ଶିକ୍ଷା କଣ ? ପବିତ୍ର କୁରଆନର ଶିକ୍ଷା କଣ ? ଏବଂ ଏଇଥି ପାଇଁ ବି , ମୁସଲମାନମାନଙ୍କର ଯେଉଁ ସନ୍ତ୍ରାସବାଦ କାର୍ଯ୍ୟକଳାପ ଜାରି ରହିଛି ତାହା ଦ୍ୱାରା ସେମାନେ ଏହା ବତାଉଛନ୍ତି ଯେ ହଁ ବୋଧହୁଏ କାଳେ ଏହା ପବିତ୍ର କୁରଆନର ଶିକ୍ଷା ହୋଇଥିବ । ସେମାନେ ଗୋଟିଏ ଆୟତକୁ ତ ଧରି ନେଉଛନ୍ତି ଯେ ମାରହାଣ କର ବା ଯୁଦ୍ଧ କର । ବାକି ଆଉ ଯେଉଁ ନିର୍ଦ୍ଦେଶ ରହିଛି ଯେ କେଉଁ ପରିସ୍ଥିତିରେ ଯୁଦ୍ଧ କର । ତାହା ସମ୍ବନ୍ଧରେ ଏମାନଙ୍କୁ କିଛି ବି ଜଣା ନାହିଁ । ତେଣୁ ଏହି ସମସ୍ତ କଥା ବିଷୟରେ ଏହି ଲୋକମାନଙ୍କୁ ଜଣାଯିବା ଉଚିତ । ଏହି ଦୃଷ୍ଟିକୋଣରୁ ଆପଣମାନେ ତବଲିଗ୍ ର ପ୍ଲାନ କରନ୍ତୁ ।

ପ୍ରଶ୍ନ-ଏହି ସାକ୍ଷାତକାର ଅବସରରେ ହଜୁର୍ ଅନଓ୍ୱର୍ ଅ ବ ଅ ଙ୍କୁ ଏ ନିବେଦନ କରାଗଲା ଯେ କରୋନା ଭଇରସ୍ ଯୋଗୁଁ ପୃଥିବୀରେ ଯେଉଁ ପରିସ୍ଥିତି ଉପୁଜିଛି ଏମିତି ଅବସ୍ଥାରେ ତବଲିଗ୍ କିପରି କରାଯିବ ? ଏଥିରେ ହଜୁର୍ ଅନଓ୍ୱର୍ ଅ ବ ଅ କହିଲେ :-

ଉତର- ଏବେ ଅନଲାଇନ୍ ତବଲିଗ୍ ବହୁମାତ୍ରାରେ ଆରମ୍ଭ ହୋଇଯାଇଛି ,ହ୍ୱାଟସ୍ ଆପ୍ ରେ ଏବଂ ଶୋସିଆଲ୍ ମିଡିଆ ରେ । ଏଠାରେ ଦେଖନ୍ତୁ ଯେ ଲୋକମାନଙ୍କ ପାଖରେ କେଉଁ ପ୍ରକାରର ପଶ୍ନ ରହିଛି ? କଣ ସବୁ ଇସୁ ଉଠୁଛି ? ବହୁତ ଗୁଡିଏ ସାଇଟ ଅଛି । ସେହି ସାଇଟଗୁଡିକରେ ଯାଇ ସେମାନଙ୍କୁ ବତାନ୍ତୁ ଯେ ଏପରି ପରିସ୍ଥିତିରେ ଆମକୁ ଅଲ୍ଲାଃତାଲାଙ୍କ ନିକଟରେ ଅଧିକରୁ ଅଧିକ ନତମସ୍ତକ ହେବା ଉଚିତ । ଅଲ୍ଲାଃତାଲାଙ୍କ ଆଡକୁ ଆସିବା ଉଚିତ । ତାହାଙ୍କୁ ଚିହ୍ନିବା ଉଚିତ୍ । ଏପରି ନହେଉ ଯେ ଆମେ ନାସ୍ତିକ ହୋଇ ଅଲ୍ଲାଃତାଲାଙ୍କୁ ଛାଡିଦେବା ବା ଏକଥା ଆମେ ନଭାବିବା ଯେ ଅଲ୍ଲାଃତାଲା ଆମ ଦୁଆଗୁଡିକୁ କବୁଲ୍(ଗ୍ରହଣ) କରୁନାହାନ୍ତି ବା ଅଲ୍ଲାଃତାଲା କାଳେ ନାହାନ୍ତି ବା ଏଦୁନିଆ ହିଁ ସବୁକିଛି । ଯଦି ଏଦୁନିଆକୁ ବଂଚାଇବାକୁ ଚାହୁଁଅଛ ତାହେଲେ ଏପରି କର । କାରଣ ଏହା ପରେ ପୁଣି ଯେଉଁ Crisis ଆସିବ ଏ ବେମାରି (କରୋନା)ପରେ ଏ ଦୁନିଆର ଆର୍ଥିକ ଅବସ୍ଥା ଯେତେବେଳେ Shatter ହୋଇଯିବ , ତାପରେ ପୁଣି ଆଉଗୋଟିଏ Crisis ଆସିବ । ଏହାଦ୍ୱାରା ଜଣେ ଅନ୍ୟଜଣଙ୍କର ଧନ ସମ୍ପତି ଉପରେ କବ୍ଜା କରିବା ପାଇଁ ଚେଷ୍ଟା କରିବେ । ଆଉ ଯେତେବେଳେ ଧନ ସମ୍ପତି ଉପରେ କବ୍ଜା କରିବା ପାଇଁ ଚେଷ୍ଟା କରିବେ ସେତେବେଳେ ପୁଣି ଯୁଦ୍ଧ ଆରମ୍ଭ ହୋଇଯିବ । ସେଇଥି ପାଇଁ ତ ବ୍ଲକ୍ ଗଡାଯାଉଛି , ଏବଂ ବ୍ଲକ୍ ତିଆରି ହେବା ଆରମ୍ଭ ହୋଇସାରିଛି । ଏହି ସଂକଟରୁ ବଂଚିବାର ଏହି ଗୋଟିଏ ଉପାୟ ରହିଛି ଯେ ଖୁଦାତାଲାଙ୍କ ଆଡକୁ ଆସ ଓ ନିଜର ଦାୟିତ୍ୱକୁ ବୁଝ । କିନ୍ତୁ ଯେଉଁ ମିଡିଆ ଗୁଡିକ ଅଛନ୍ତି ତା ସାହାଯ୍ୟରେ ଲୋକମାନଙ୍କର ଏଦୁନିଆ ସହିତ ଯୋଗା ଯୋଗ ହେଉଅଛି କି ନାହିଁ ? ଏହି ମିଡିଆ ଗୁଡିକୁ ଆପଣମାନେ ବି ବ୍ୟବହାର କରନ୍ତୁ । ଏହି ଶୈଳୀକୁ ଆପଣମାନେ ବି ଆପଣାନ୍ତୁ ଯାହାକୁ ଏବେ ଏ ଦୁନିଆ ଆପଣାଉଅଛି । ମୁ ଭାବୁଛି ଯେ ଆଜି ଯାହା ଏଠାରେ ଆଲୋଚନା ହୋଇସାରିଛି ଆପଣମାନେ ତା ଉପରେ କାମ କରନ୍ତୁ । ଯାହା ସବୁ ଜରୁରୀ କଥା ଥିଲା ମୁଁ ତାହା କହିସାରିଛି ଯେ ଏହି (ନ୍ୟାଶନାଲ୍ ଆମେଲା)ର ଦାୟିତ୍ୱ କଣ । ଏବେ ନ୍ୟାଶନାଲ୍ ଆମେଲା ସହିତ ମୁଁ ଯେଉଁ କଥା ହେଉଅଛି,ଅନ୍ୟ ଯେଉଁ ମଜଲିସଗୁଡିକ ଅଛନ୍ତି,ସେମାନଙ୍କର,ଯେଉଁ ସେକ୍ରେଟାରୀମାନେ ଅଛନ୍ତି,ସେମାନଙ୍କ ପାଇଁ ବି ଏହି ଉପଦେଶ ରହିଛି । ସେମାନଙ୍କୁ ମଧ୍ୟ ଏ କଥା ମନେରଖିବା ଉଚିତ ଓ ତାମୁତାବିକ ନିଜର Policy ବନାଇବା ଉଚିତ୍ ଓ ତା ଉପରେ ପରିଚାଳିତ ହେବା ମଧ୍ୟ ଉଚିତ । ଯଦି Grassroots Level ରେ ସବୁ କାମ ହେବା ଆରମ୍ଭ ହୋଇଯାଏ, ଆପଣଙ୍କ ମଜଲିସଗୁଡିକର ପ୍ରତ୍ୟେକ ବିଭାଗର ଯେଉଁ ସମସ୍ତ ସେକ୍ରେଟାରୀମାନେ ଅଛନ୍ତି ,ସେମାନେ ନିଜ ନିଜର କାମ କରନ୍ତି ,ନିଜ ନିଜର ଦାୟିତ୍ୱ ନିର୍ବାହ କରନ୍ତି ତାହେଲେ ନ୍ୟାଶନାଲ୍ ଆମେଲାର କାମ ସହଜ ହୋଇଯିବ ଓ ଏହି ଉଦ୍ଦେଶ୍ୟକୁ ଆପଣମାନେ ପୂରଣକରୀ ହୋଇଯିବେ ,ଯେଉଁ ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଆପଣମାଙ୍କୁ ଓ୍ୱହଦାଦାର୍ ବନାଯାଇଅଛି । ଏବଂ ଏହିପରି ଆପଣମାନେ ଖଲିଫାଙ୍କର ବିଶ୍ୱସ୍ତ ତଥା ସାହାଯ୍ୟକାରୀ ବି ହୋଇଯିବେ ଓ ଜମାଅତର ଯେଉଁ ସେବାକାର୍ଯ୍ୟ ଆପଣମାନଙ୍କ ନିକଟରେ ନ୍ୟସ୍ତ କରାଯାଇଅଛି ,ତାହାକୁ ବି ସଠିକ ଭବରେ ନିର୍ବାହକାରୀ ହୋଇପାରିବେ । ପୁଣି ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ବି ଆପଣମାନଙ୍କ ଖିଦମତ୍ (ସେବାକାର୍ଯ୍ୟ) ବି ଗ୍ରହଣୀୟ ହୋଇଥାଏ । କିନ୍ତୁ ଯଦି କେବଳ ଓ୍ୱହଦା ପାଇକି ,ଏପରେ ଓ୍ୱହଦା ରଖିକି ପୁଣି କାମ ନକରିବା , ନିଜର ଭୂଲ ନମୁନା ସ୍ଥାପନ କରିବା , ଦୁଆ କରିବା ପ୍ରତି ଧ୍ୟାନ ନଦେବା ଏବଂ ପରସ୍ପର ବିଭାଗ ସହିତ ଆପୋଷରେ ସାହାଯ୍ୟ ସହଯୋଗ ନକରିବା ତଥା ମର୍କଜୀ ବିଭାଗଗୁଡିକ ସହିତ ସାହାଯ୍ୟ ସହଯୋଗ ନକରିବା , ଏପରି ଓ୍ୱହଦା ରଖି କୌଣସି ଲାଭ ନାହିଁ । ଏମିତି କରି ଆପଣମାନେ ମତେ ତ ଧୋକା ଦେଇପାରନ୍ତି ବା ଜମାଅତର ବ୍ୟବସ୍ଥାକୁ ତ ଧୋକା ଦେଇପାରନ୍ତି କିନ୍ତୁ ଖୁଦାତାଲାଙ୍କୁ ଧୋକା ଦେଇପାରିବେ ନାହିଁ । ତେଣୁ ସର୍ବଦା ଏ କଥା ମନେରଖନ୍ତୁ , ପ୍ରତ୍ୟେକ କାମ କରିବାବେଳେ, ସବୁବେଳେ ଏ କଥା ମନେରଖନ୍ତୁ ଯେ ଖୁଦାତାଲା ଆମ କଥା ଓ ଆମ କାର୍ଯ୍ୟକୁ ସଦା ସର୍ବଦା ଦେଖୁଛନ୍ତି ଏବଂ ଶୁଣୁଅଛନ୍ତି । ତେଣୁ ଆମକୁ ଅଲ୍ଲାଃତାଲାଙ୍କ ଖାତିର୍ ପ୍ରତ୍ୟେକ କାମ କରିବାକୁ ହେବ । ତାହାଙ୍କ ପାଇଁ ସମସ୍ତ ସାମର୍ଥ୍ୟ , ନିଜର ସମସ୍ତ Potentials କୁ ବ୍ୟବହାରରେ ଆଣିବା ଉଚିତ ଯଦ୍ୱାରା ଆମେ ଜମାଅତର ସଠିକ କର୍ମଠ କାର୍ଯ୍ୟକର୍ତା ହୋଇପାରିବା ଓ ଜମାଅତର ସଠିକ ଭାବରେ ସେବାକାର୍ଯ୍ୟ କରିପାରିବା । ଅଲ୍ଲାଃତାଲା ଆପଣମାନଙ୍କର ସୁରକ୍ଷା କରନ୍ତୁ ।

*(ଜହୀର୍ ଅହମଦ୍ ଖାନ୍ , ମୁରବୀ ସିଲସିଲା, ରେକର୍ଡ ବିଭାଗର ଇନ୍‌ଚାର୍ଜ, ପି ଏସ୍ କାର୍ଯ୍ୟାଳୟ ଲଣ୍ଡନ୍)*
*(ଅଖବାର୍ ଅଲଫଜଲ୍ ଇଂଟରନ୍ୟାଶନାଲ୍ ୧୨ ମାର୍ଚ୍ଚ୨୦୨୧କୁ ଧନ୍ୟବାଦ)*

## ୦୪ ମାର୍ଚ୍ଚ ୨୦୨୨ ଖୁତ୍‌ବାରେ ଅବଶିଷ୍ଟାଂଶ

ହଜରତ ଅବୁ ବକର୍ ର:ଅ ବିଦ୍ରୋହୀମାନଙ୍କୁ ତଥା ମିଥ୍ୟାବାଦୀ ନବୀମାନଙ୍କୁ ଅଲ୍ଲାଃଙ୍କଠାରୁ ଶକ୍ତି ଓ ସମର୍ଥନ ପ୍ରାପ୍ତ କରି ଶେଷ କରି ଦେଲେ ଯଦ୍ୱାରା ସାହାବାମାନେ ଜାଣନ୍ତୁ ଯେ, ଅଲ୍ଲାଃ ତାଲା ଯେଉଁଭଳି ଭାବରେ ହଜୁର ସ:ଆ:ସଙ୍କ ସହିତ ସାହାଯ୍ୟ ସହଯୋଗର ହାତ ପ୍ରସାରିତ କରି ରଖିଥିଲେ ତାଙ୍କ ବିୟୋଗ ପରେ ସେହିପରି ସମାନ ଆଚରଣ ହଜରତ ଅବୁ ବକର ର:ଅଙ୍କ ସହିତ ରଖିଛନ୍ତି । ସେହିପରି ହଜରତ ଅବୁ ବକର ର:ଅଙ୍କର ଅନ୍ୟ ଏକ ସାମଞ୍ଜସ୍ୟତା ଯଶୁ ବିନ୍ ନୁନ୍‌ଙ୍କ ସହିତ ରହିଛି ତାହା ଏହି କି ଯେ, ହଜରତ ଯଶୁ ବିନ୍ ନୁନ୍‌କୁ ହଜରତ ମୁସା ଆ:ସଙ୍କ ବିୟୋଗ ପରେ ନିଜ ସୈନ୍ୟଦଳ ସମେତ ଏକ ବିପଦ ସଙ୍କୁଳ ନଇ ମଧ୍ୟ ଦେଇ ଅତିକ୍ରମ କରିବାକୁ ପଡ଼ିଥିଲା ଯାହାର ନାମ ୟର୍ଦନ୍ ନଦୀ ଥିଲା । ୟର୍ଦନ୍‌ରେ ଏକ ବାତ୍ୟା ପ୍ରଭାହିତ ହେଉଥିଲା ଏବଂ ଅତିକ୍ରମ କରିବା ଅସମ୍ଭବ ଥିଲା । ଯଦି ସେ ଏହି ନଦୀକୁ ଅତିକ୍ରମ ନ କରିଥାନ୍ତେ ତେବେ ବନି ଇସ୍ରାଇଲ୍‌ର ଶତ୍ରୁ ସେମାନଙ୍କୁ ନୀପାତ କରିଦେଇଥାନ୍ତେ ଏବଂ ବନି ଇସ୍ରାଇଲ୍‌ର

## ୧୨୭ ତମ ଜଲସା ସାଲାନା କାଦିଆନ୍

୧୨୭ ତମ ଜଲସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲସାରୁ ଉପକୃତ ହେବାର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲସା ସାଲାନ ସଫଳ ଓ ବାବରକତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ହିଦାୟତ (ମାର୍ଗଦର୍ଶନ) ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ଓ୍ୱ ଇରଶାଦ୍ ମର୍କଜିୟା କାଦିଆନ୍)***

ସୈନ୍ୟମାନଙ୍କ ଦ୍ୱାରା ସେମାନଙ୍କର ବିନାଶ ହେବା ନିଶ୍ଚିତ ଥିଲା । ଏହା ଥିଲା ସେହି ପ୍ରଥମ ଭୟପ୍ରଦ ଅବସ୍ଥା ଯାହା ମୁସା ଆ:ସଙ୍କ ପରେ ୟଶୁ ବିନ୍ ନୁନ୍‌ଙ୍କୁ ସମ୍ମୁଖିନ କରିବାକୁ ପଡ଼ିଥିଲା । ଅଲ୍ଲାଃ ତାଲା ସେତେବେଳେ ଏଭଳି ଚମତ୍କାର ପ୍ରଦାନ କଲେ ଯେ ବାତ୍ୟାରୁ ୟଶୁ ବିନ୍ ନୁନ୍ ଓ ତାଙ୍କ ସୈନ୍ୟଦଳକୁ ଉଦ୍ଧାର କରିଦେଇଥିଲା ଏବଂ ୟର୍ଦନ ନଦୀରେ ଶୁଷ୍କତା ସୃଷ୍ଟି କରି ଦେଇଥିଲା । ଫଳତଃ ସେମାନେ ଅତି ସହଜତାର ସହିତ ନଦୀ ଅତିକ୍ରମ କରିନେଇଥିଲେ । ସେହି ଶୁଷ୍କ ଭୂମିଟି ଜୁଆର ଓ ଭଟ୍ଟା ଥିଲା ଯାହାକି ଚମତ୍କାର ରୂପେ ଅଲ୍ଲାଃ ତାଲା ସେମାନଙ୍କ ପାଇଁ ଉତ୍ପନ୍ନ କରିଦେଇଥିଲେ । ସେ ଯାହା ହେଉ ନା କାହିଁକି ଏହିପରି ଭାବରେ ଅଲ୍ଲାଃ ତାଲା ସେମାନଙ୍କୁ ବାତ୍ୟା ଓ ନଦୀରେ ବୁଡ଼ି ନିଶେଷ ହୋଇଯିବାରୁ ଉଦ୍ଧାର କରିଥିଲେ । ସେହିପରି ସମାନ୍ ଆଚରଣ ଅର୍ଥାତ ବିଦ୍ରୋହର ବାତ୍ୟା ହଜୁର ସ:ଆ:ସଙ୍କ ବିୟୋଗ ପରେ ହଜରତ ଅବୁ ବକର ର:ଅଙ୍କୁ ସମ୍ମୁଖିନ କରିବାକୁ ପଡ଼ିଥିଲା ଏବଂ ଏହି ବିଦ୍ରୋହୀମାନଙ୍କର ସଂଖ୍ୟା ଏକ ଲକ୍ଷରୁ ଉର୍ଦ୍ଧ ଥିଲା ଯାହାକି ହଜରତ ଅବୁ ବକର ର:ଅ ଓ ଆପଣଙ୍କ ଅନୁଗାମୀମାନଙ୍କୁ ଧ୍ୱଂସ କରିବା ପାଇଁ ଘେରି ବସିଥିଲା । ଆରବ ଦେଶର ସେହି ନିପଟ ମଫସଲରେ ବାସ କରୁଥିବା ଲୋକମାନେ ଯେଉଁମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି: **କାଲତିଲ୍ ଆରାବୁ ଆମନ୍ନା କୁଲ୍ ଲମ୍ ତୁମିନୁ ୱ୍ୱଲାକିନ୍ କୁଲୁ ଅସ୍‌ଲମ୍‌ନା ୱ୍ୱ ଲମ୍ମା ୟଦ୍‌ଖୁଲିଲ୍ ଇମାନୁ ଫି କୁଲୁବିହିମ୍ (ଅଲ୍‌ହୁଜ୍‌ରାତ୍:୧୫)** ତେଣୁ ଏହା ଜରୁରୀ ଥିଲା ଯେ ଏହି ଭବିଷ୍ୟବାଣୀ ଅନୁଯାୟୀ ସେମାନେ ବିଗିଡ଼ି ଯିବେ କାରଣ ଅଲ୍ଲାଃ ତାଲାଙ୍କର ଭବିଷ୍ୟବାଣୀ ସତ୍ୟ ଥିଲା ଅର୍ଥତା ସେହି ମଫସଲ ଓ ପୁରପଲ୍ଲୀର ଲୋକମାନେ ଏହା କୁହନ୍ତି ଯେ ଆମେମାନେ ବିଶ୍ୱାସ ନେଇ ଆସିଲୁ କିନ୍ତୁ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ କହିଲେ ହେ ମୁହମ୍ମଦ ! ତୁମେ କହିଦିଅ ଯେ ସେମାନେ କଦାପି ବିଶ୍ୱାସ ଆଣିନାହାନ୍ତି ବରଂ ସେମାନଙ୍କୁ କୁହ କି ସେମାନେ ମୁସଲମାନ ହୋଇଯାଇଛନ୍ତି । ଅପରପକ୍ଷେ ସେମାନଙ୍କ ହୃଦୟରେ ବର୍ତମାନ ସୁଦ୍ଧା ବିଶ୍ୱାସମୂଳକ ଆସ୍ଥା ଜନ୍ମି ହିଁ ନାହିଁ । ସେ ଯାହା ହେଉ ନା କାହିଁକି ଆପଣ କୁହନ୍ତି ଅତଏବ ଏହା ହିଁ ହେଲା ଏବଂ ସେହି ସମସ୍ତ ଲୋକମାନେ ଧର୍ମରୁ ଓହରି ଗଲେ ଏବଂ କେତେକ ଲୋକମାନେ ଯକାତ୍ ଦେବାରୁ ଅସ୍ୱୀକାର କରିଗଲେ । ଆଉ କେତେକ ଅବତାରତ୍ୱର ଦାବି କରି ବସିଲେ । ଏହି ମିଥ୍ୟାବାଦୀ ଅବତାରମାନଙ୍କର ସହିତ ଲକ୍ଷ ଲକ୍ଷ ହତଭାଗା ଲୋକ ସେମାନଙ୍କ ଦଳରେ ଏକତ୍ରିତ ହୋଇଯାଇଥିଲେ ଏବଂ ଶତ୍ରୁମାନଙ୍କ ସଂଖ୍ୟା ଏଭଳି ବଢ଼ି ଯାଇଥିଲା, ଯେପରି କି ମୁଁ ଉପରେ କହି ଆସିଲି ଯେ, ସେମାନଙ୍କର ସଂଖ୍ୟା ଲକ୍ଷାଧିକରେ ପହଂଚି ଯାଇଥିଲା । ଦେଶରେ ଏକ ଭୟଙ୍କର ଆଧାତ୍ମିକ ଝଡ଼ର ସୂତ୍ରପାତ ହୋଇଥିଲା । ଏହି ଝଡ଼ ସେହି ଭୟଙ୍କର ଜଳଠାରୁ ଅଧିକ ଭୟଙ୍କର ଥିଲା ଯାହାକି ନଦୀ ସମୁଦ୍ରରେ ଉତ୍ପନ୍ନ ହୋଇଥାଏ ଏବଂ ଯେଉଁ ଭୟଙ୍କର ଜଳର ହଜରତ ୟଶୁ ବିନ୍ ନୁନ୍ ସମ୍ମୁଖିନ ହୋଇଥିଲେ । ଯେପରି କି ମୁସା ଆ:ସଙ୍କ ବିୟୋଗ ପରେ ହଜରତ ୟଶୁ ବିନ୍ ନୁନ୍ ସମ୍ମୁଖିନ ହୋଇଥିଲେ ଏବଂ ତାଙ୍କୁ ନଦୀ ପାର ହେବାର ଆବଶ୍ୟକତା ଥିଲା । ଠିକ୍ ସେହିପରି ବିପତିମୂଳକ ପରୀକ୍ଷା ହଜରତ ଅବୁ ବକର ର:ଅଙ୍କୁ ମଧ୍ୟ ସମ୍ମୁଖିନ ହେବାକୁ ପଡ଼ିଥିଲା କିନ୍ତୁ ସର୍ବଶକ୍ତିମାନ ଅଲ୍ଲାଃ ତାଲାଙ୍କର ପ୍ରତିଶ୍ରୁତି ତାଙ୍କ ସହିତ ରହିଥିଲା । ଅତଏବ ହଜରତ ୟଶୁ ବିନ୍ ନୁନ୍‌ଙ୍କୁ ଯେଭଳି ଅଲ୍ଲାଃ ତାଲା ସାହାଯ୍ୟ କରିଥିଲେ ଓ ତାଙ୍କୁ ବାତ୍ୟାରୁ ଉଦ୍ଧାର କରିନେଇଥିଲେ ଏବଂ ସେମାନଙ୍କ ବିଶ୍ୱାସକୁ ଦୃଢ଼ତା ପ୍ରଦାନ କରିଥିଲେ ସେହିପରି ହଜରତ ଅବୁ ବକର ର:ଅଙ୍କୁ ବିଦ୍ରୋହ ରୂପକ ଝଡ଼ରୁ ଉଦ୍ଧାର କରି ଆପଣଙ୍କୁ ଶକ୍ତି ସାମର୍ଥ୍ୟ ପ୍ରଦାନ କରିଥିଲେ ଠିକ୍ ଯଦି ଅଲ୍ଲାଃ ତାଲାଙ୍କ ସାହାଯ୍ୟ ସହଯୋଗ ଆପଣଙ୍କ ସହିତ ନଥାନ୍ତା ତେବେ ଏଭଳି ବିପତିରୁ ମୁକ୍ତି ପାଇବା, ଉଦ୍ଧାର ପାଇବା ଆପଣ ର:ଅଙ୍କ ପକ୍ଷେ କଦାପି ସମ୍ଭବପର ନଥିଲା ତେଣୁ ଆପଣ ର:ଅଙ୍କ ସତ୍ୟବାଦୀ ଖଲିଫା ହେବାର ଏହା ଏକ ଦୃଷ୍ଟାନ୍ତ ଥିଲା ।

ଅତଏବ ଯେଉଁ ବ୍ୟକ୍ତି ନିମ୍ନଲିଖିତ ଆୟତକୁ ଧ୍ୟାନ ପୂର୍ବକ ପାଠ କରେ ତେବେ ସେ ବିଶ୍ୱାସ କରିନେବ ଯେ ନିଃସନ୍ଦେହ ରୂପେ ଏହି ପରୀକ୍ଷାର ସୁଚନା ପବିତ୍ର କୁର୍‌ଆନ୍‌ରେ ବହୁ ପୂର୍ବରୁ ହିଁ ପ୍ରଦାନ କରିଦିଆଯାଇଥିଲା ଏବଂ ସେହି ସୁଚନାଟି ହେଲା **ୱ୍ୱାଦଲ୍ଲାହୁଲ୍ ଲଜିନା ଆମନୁ ............ ଫଉଲାଇକା ହୁମୁଲ୍ ଫାସିକୁନ୍ (ନୂର୍: ୫୬)** ଅର୍ଥାତ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ଉଚିତ କର୍ମ ସମ୍ପାଦନ କରିଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ତାଲା ଅଙ୍ଗୀକାର କରିଛନ୍ତି ଯେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିବେ ଯେପରି ସେ ସେମାନଙ୍କ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି, ସେ ସେମାନଙ୍କ ପାଇଁ ତାହାକୁ ଦୃଢ଼ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ ସେମାନେ ଆମ୍ଭର ଉପାସନା କରିବେ ଏବଂ କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣିତ ହେବେ । ଦେଖ ଉପରୋକ୍ତ ଆୟତରେ ସ୍ପଷ୍ଟ ରୂପେ ଅଲ୍ଲାଃ ତାଲା ଦର୍ଶାଇ ଦେଇଛନ୍ତି ଯେ, ଭୟପ୍ରଦ ଯୁଗ ମଧ୍ୟ ଆସିବ କିନ୍ତୁ ତାହା ପରିଶେଷରେ ଶାନ୍ତିରେ ପରିଣତ ହୋଇଯିବ ଏବଂ ଭୟର ସମସ୍ତ ବାତାବରଣ ଦୂରିଭୁତ ହୋଇଯିବ । ଅତଏବ ଏହା ହିଁ ସେହି ଭୟପ୍ରଦ ଅବସ୍ଥା ଯାହାର ସମ୍ମୁଖିନ ହଜରତ ୟଶୁ ବିନ୍ ନୁନ୍ ମଧ୍ୟ ହୋଇଥିଲେ ଯେପରି କି ଅଲ୍ଲାଃ ତାଲାଙ୍କ ପୁସ୍ତକରେ ତାଙ୍କୁ ଆଶ୍ୱାସନା ଦିଆଯାଇଥିଲା । ଠିକ୍ ସେହିପରି ଆଶ୍ୱାସନା ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ମଧ୍ୟ ପବିତ୍ର କୁର୍‌ଆନ୍‌ରୁ ପ୍ରଦାନ କରିଦିଆଯାଇଥିଲା" । *(ତୋହ୍‌ଫା ଗୋଲଡୁୟିୟା, ରୁହାନୀ ଖଜାଇନ୍, ଖଣ୍ଡ-୧୭, ପୃ-୧୮୩-୧୮୯)*

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସମ୍ପର୍କୀତ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତମାନ ଅବ୍ୟାହତ ରହିଛି ଯାହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ କରିବି । ସାମ୍ପ୍ରତିକ ଯୁଗରେ ଯେଉଁ ଯୁଦ୍ଧର ଉତ୍କଟ ପରିସ୍ଥିତି ଉତ୍ପନ୍ନ ହୋଇଛି ସେ ସମ୍ପର୍କରେ ମଧ୍ୟ ମୁଁ ଆପଣମାନଙ୍କୁ ଦୁଆ କରିବା ପାଇଁ ଆହ୍ୱାନ ଦେଉଛି ପରିସ୍ଥିତି ଅତ୍ୟନ୍ତ ଭୟପୂର୍ଣ୍ଣ । ସମ୍ଭବତଃ ଏହି ପରିସ୍ଥିତି ଆହୁରି ଜଟିଳ ହୋଇପାରେ ବର୍ତମାନ ପରମାଣୁ ବୋମା ଆକ୍ରମଣ କରିବାର ମଧ୍ୟ ଧମକ ମିଳିଲାଣି ଯେପରି କି ମୁଁ ପୂର୍ବେ ମଧ୍ୟ କହିସାରିଛି । ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ହେବ । ପରବର୍ତୀ ପୀଢ଼ୀକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ । ଅଲ୍ଲାଃ ତାଲା ହିଁ ଏହି ଯୁଦ୍ଧ ଖୋର୍ ଲୋକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଏହି ଦିନମାନଙ୍କରେ ବିଶେଷ କରି ଦରୁଦ୍ ସରିଫ୍ ଅଧିକରୁ ଅଧିକ ସଂଖ୍ୟାରେ ପଢ଼ନ୍ତୁ । ଇସ୍ତେଗ୍‌ଫାର୍ କରନ୍ତୁ । ଅଲ୍ଲାଃ ତାଲା ଆମମାନଙ୍କର ଦୋଷ ଦୁର୍ବଳତାକୁ କ୍ଷମା କରନ୍ତୁ ଏବଂ ଏ ସାଂସାରିକ ଲିଡ଼ରମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ।

ଗୋଟିଏ ଅବସରରେ ହଜରତ ମସିହ ମଉଦ ଆ:ସ ଯମାତକୁ ବିଶେଷ ରୂପେ ଏହି ଦୁଆ କରିବାକୁ ଅନୁପ୍ରାଣିତ କରିଥିଲେ ଯେ, ରବ୍‌ବନା ଆତେନା ଫିଦୁନିଆ ହସନତଉଁ ୱ୍ୱ ଫିଲ୍ ଆଖିରତି ହସନତଉଁ ୱ୍ୱକିନା ଅଜାବନ୍ ନାର୍ । *(ଅଲ୍‌ବକ୍‌ରାଃ:୨୦୨)* ଏହି ଦୁଆ ଅଧିକ ମାତ୍ରାରେ ଆବୃତି କରିବେ ଏବଂ ବିଶେଷ କରି ରୁକୁ ପରେ ଛିଡ଼ା ହୋଇ ଏହି ଦୁଆ ପାଠ କରିବେ । *(ଉଦ୍ଧୃତାଂଶ ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୯)*

ଅତଏବ ଏହି ଦୁଆକୁ ଆଜିକାଲି ଅତ୍ୟଧିକ ମାତ୍ରାରେ ଆବୃତି କରିବାର ଆବଶ୍ୟକତା ରହିଛି ଅଲ୍ଲାଃ ତାଲା ସାଂସାରିକ ସୁଖସମୃଦ୍ଧି ବି ପ୍ରଦାନ କରନ୍ତୁ ଆମକୁ ଏବଂ ପ୍ରତ୍ୟେକ ପ୍ରକାର ନର୍କାଗ୍ନୀରୁ ମଧ୍ୟ ଆମକୁ ସୁରକ୍ଷା ପ୍ରଦାନ କରନ୍ତୁ ।

ନମାଜ ପରେ ମୁଁ ଏକ ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢ଼ାଇବି ତାହା ହେଉଛି ସିରିୟ ବ୍ୟକ୍ତି ସମ୍ମାନନୀୟ ଅବୁଲ୍ ଫର୍ଜ ଅଲ୍ ହସ୍‌ନି ସାହେବଙ୍କର । ଫେବୃୟାରୀ ମାସ ୧୩ ତାରିଖ ଦିନ ତାଙ୍କର ୯୦ ବର୍ଷ ବୟସରେ ବିୟୋଗ ଘଟିଛି । ଇନ୍ନା ଲିଲ୍ଲାହି ୱ୍ୱ ଇନ୍ନା ଇଲୈହେ ରାଜେଉନ୍ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ୱ୍ୱସିୟତ କରିଥିଲେ ତାଙ୍କର ପିତା ସ୍ୱର୍ଗତ ମୁହମ୍ମଦ ଅଲ୍ ହସ୍‌ନି ସାହେବ ପ୍ରାରମ୍ଭିକ ଅହେମଦୀମାନଙ୍କ ମଧ୍ୟରୁ ଜଣେ ଥିଲେ ସେ ମୌଲାନା ଜଲାଲୁଦ୍ଦୀନ୍ ଶମ୍‌ସ୍ ସାହେବ୍‌ଙ୍କ ମାଧ୍ୟମରେ ବୟତ କରିଥିଲେ । ଅବୁଲ୍ ଫର୍ଜ ଅଲ୍ ହସନି ସାହେବ୍ ସିରିୟାର ପ୍ରଥମ ଅମୀର ଯମାତ୍ ସମ୍ମାନନୀୟ ମୁନୀର ଅଲ୍ ହସ୍‌ନୀ ସାହେବଙ୍କ ପୁତୁରା ଥିଲେ । ତାଙ୍କ କାଳରେ ମଧ୍ୟ ସେ ନାଏବ୍ ଅମୀର ଭାବରେ ଜମାତ୍‌ର ସେବା ସମ୍ପାଦନ କରିଥିଲେ ଏବଂ ପରେ ମଧ୍ୟ ନାଏବ ଅମୀର ଭାବରେ ଦାୟିତ୍ୱ ତୁଲାଇ ଥିଲେ । ସ୍ୱର୍ଗତଃ ଫର୍ଜ ହସ୍‌ନୀ ସାହେବ ୧୯୩୩ ମସିହାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ନିଜର ଚଚା ମୁନୀରୁଲ୍ ହସ୍‌ନୀ ସାହେବଙ୍କ ପୂଣ୍ୟ ଧର୍ମ ପରାୟଣତାରୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ଯେତେବେଳେ ତାଙ୍କୁ ୧୫ ବର୍ଷ ବୟସ ହୋଇଥିଲା । ସେତେବେଳକୁ ସେ ତାଙ୍କର ମଜ୍‌ଲିସ୍‌ରେ ଅନେକ ସମୟରେ ଆସି ବସୁଥିଲେ ଦିନେ ସେ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.7 Thursday 05 May 2022 Issue No. 18**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ରେଡ଼ିଓରେ ତିଲାଓ୍ୱତ୍ ର ଶବ୍ଦ ଶୁଣି କୋହ ଭରା କଣ୍ଠରେ କାନ୍ଦି ପକାଇଥିଲେ ପୁଣି ନିଜର ଚଚାଙ୍କ ନିକଟକୁ ଗଲେ ଏବଂ ଯାଇ ତାଙ୍କୁ କହିଲେ ମୁଁ ଅଲ୍ଲାଃ ତାଲାଙ୍କ ସମ୍ପର୍କରେ ଅଧିକ ଜାଣିବାକୁ ଚାହୁଁଛି ମୋର ଅଧିକ ଜିଜ୍ଞାସା ରହିଛି । ଅତଏବ ଚଚା ତାଙ୍କୁ ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକ ପ୍ରଦାନ କଲେ । ପୁସ୍ତକ ପଢ଼ି ତାଙ୍କର ମନ ପରିବର୍ତ୍ତିତ ହୋଇଯାଇଥିଲା ସେ ନିଜ ଚଚାଙ୍କ ନିକଟକୁ ଆସିଲେ ଏବଂ କହିଲେ ମୁଁ ବୟତ କରିବାକୁ ଚାହୁଁଛି ସେ ତିନି ଖଲିଫାଙ୍କୁ ଭେଟିବାର ସୌଭାଗ୍ୟ ମଧ ଅର୍ଜନ କରିଥିଲେ । ହଜରତ ଖଲିଫା ସାନି (ଦ୍ୱିତୀୟ) ୧୯୫୫ ମସିହାରେ ଯେତେବେଳେ ଦମିସ୍କ ଆସିଲେ ସେତେବେଳେ ସ୍ୱର୍ଗତଙ୍କୁ ଖଲିଫା ସାନି ର:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା ଏବଂ ହଜୁରଙ୍କର ସିକ୍ୟୁରିଟି ଦେବାରେ ମଧ ସେ ସୌଭାଗ୍ୟ ଲାଭ କରିଥିଲେ । ସେହିପରି ୧୯୭୨ ମସିହାରେ ପାକିସ୍ତାନ ଯାଇଥିଲେ ଏବଂ ଖଲିଫା ସାଲିସ୍‌ଙ୍କ ସହିତ ସହଚର୍ଯ୍ୟାତାର ସୌଭାଗ୍ୟ ଅର୍ଜନ କରିଥିଲେ । କିଛି ମାସ ରହି ସେଠାରେ ଉର୍ଦ୍ଦୁ ଭାଷା ଶିକ୍ଷା କରିଥିଲେ ଏବଂ ଜମାତିୟ ଜ୍ଞାନ ଆହାରଣ କରିଥିଲେ । ସେହିବର୍ଷ ପାକିସ୍ତାନରୁ କାଦିୟାନ୍ ଯିବାକୁ ମଧ ସୌଭାଗ୍ୟ ଲାଭ କରିଥିଲେ । ୧୯୮୬ ମସିହାରେ ଜଲ୍‌ସା ସାଲାନା ଅବସରରେ ବିଟ୍ରେନ ଆସିଥିଲେ ଓ ଖଲିଫତୁଲ୍ ମସିହ ରାବେ ର:ଅଙ୍କୁ ଭେଟିବାର ସୌଭାଗ୍ୟ ଅର୍ଜନ କରିଥିଲେ । ୨୦୧୭ ମସିହାରେ ତାଙ୍କୁ କାଦିୟାନ ଯିବାର ପୁନଶ୍ଚ ସୁଯୋଗ ମିଳିଥିଲା ଏବଂ ଜଲ୍‌ସାରେ ଆରବୀ ଭାଷାରେ ଏକ ସଂକ୍ଷିପ୍ତ ଅଭିଭାଷଣ ଦେବାର ମଧ୍ୟ ସୌଭାଗ୍ୟ ଲାଭ ହୋଇଥିଲା ।

ସ୍ୱର୍ଗତ ଜଣେ ପୂଣ୍ୟବାନ ବ୍ୟକ୍ତି ଓ ନୈଷ୍ଠିକ ତଥା ଶିକ୍ଷା ଆହାରଣ ପ୍ରିୟ ବ୍ୟକ୍ତି ଥିଲେ । ତାଙ୍କର କୌଣସି ସନ୍ତାନ ନ ଥିଲେ ଓ ତାଙ୍କ ପତ୍ନୀ ମଧ ଗୈର୍ ଅହେମଦୀ (ଅର୍ଥାତ ଅଣଅହେମଦୀ) ଥିଲେ । ଯେ ଭୂମି ଉପରେ ଚାଲୁନାହାନ୍ତି ବରଂ ପବନରେ ଉଡୁଛନ୍ତି । ପ୍ରଥମେ ତ ତାଙ୍କର ଏହି ଅବସ୍ଥା ଥିଲା ଯେ ରୋଗ ଯୋଗୁଁ ସେ କାଦିଆନ୍ ଯିବାକୁ ଚାହୁଁନଥିଲେ କିନ୍ତୁ ମୁଁ ଯେତେବେଳେ ତାଙ୍କୁ କହିଲି ଯେ, ଆପଣ ଟିକିଏ ବୁଲି ଆସନ୍ତୁ ସେତେବେଳେ ସେ କହିଲେ ଖଲିଫାଙ୍କର ଆଦେଶ ଆସିଯାଇଛି ବର୍ତମାନ ଆଉ କୌଣସି କଥା ନାହିଁ । ଅଲ୍ଲାଃ ତାଲା ତାଙ୍କ ଉପରେ କୃପା କଲେ ଓ ତାଙ୍କର ବ୍ୟାଧି ଠିକ୍ ହୋଇଯାଇଥିଲେ ଓ ସେ ସୁସ୍ଥ ହୋଇଯାଇଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ସେଠାକୁ କେବଳ ଗଲେ ନାହିଁ ବରଂ ମିନାରତୁଲ୍ ମସିହ୍‌ରେ ମଧ୍ୟ ଚଢ଼ିବାର ସୁଯୋଗ ପାଇଥିଲେ । ବର୍ଣ୍ଣନାକାରୀ କୁହନ୍ତି ଯେ, ସେ ପାହାଚରେ ଯୁବକମାନଙ୍କ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଚଢ଼ିଯାଇଥିଲେ ଯେବେ କି ତା ପୂର୍ବରୁ ତାଙ୍କୁ ଚାଲିବାକୁ ଅସୁବିଧା ହେଉଥିଲା । ଡ଼ାକ୍ତର ମୁସ୍‌ଲିମ୍ ଅଦ୍‌ଦୁରୁବି ସାହେବ୍ ଉଲ୍ଲେଖ କରିଛନ୍ତି ଯେ ସ୍ୱର୍ଗତ ଜଣେ ସନ୍ଥ ଓ ଅବ୍‌ଦାଲୁଶ୍ ଶାମ୍ (ଅର୍ଥାତ ସିରିୟାର ପୂଣ୍ୟବାନ ସନ୍ଥ) ଥିଲେ । ମୁଁ ସ୍ୱୟମ ଓ ମୋର ଅନ୍ୟ ସାଙ୍ଗମାନେ ମଧ୍ୟ ଏହା ସାକ୍ଷ୍ୟ ଅଟୁ । ସ୍ୱର୍ଗତ ଦମିସ୍କର ଖ୍ୟାତି ସମ୍ପର୍ଣ୍ଣ ବ୍ୟବସାୟୀମାନଙ୍କ ମଧ୍ୟରୁ ଜଣେ ଥିଲେ ଓ ଅନୁକରଣୀୟ ଆଦର୍ଶ ଥିଲେ । ବଜାରରେ ତାଙ୍କର ଯଥେଷ୍ଟ ଖ୍ୟାତି ରହିଥିଲା । ନିୟମିତ ରୂପେ ନମାଜ ତହ୍‌ଜୁଦ୍ ପାଠ କରିବା ଓ ସତ୍ୟ ସ୍ୱପ୍ନ ଦର୍ଶନକାରୀ ବ୍ୟକ୍ତି ଥିଲେ । ତାଙ୍କର ଅନେକ ସ୍ୱପ୍ନ ପୁରଣ ହୋଇଛି । ତନ୍ମଧ୍ୟରୁ ଅନେକ ସିରିୟାର ଅବସ୍ଥା ଓ ବିପତି ସମ୍ପର୍କୀତ ସ୍ୱପ୍ନ ରହିଥିଲା । ଯେତେବେଳେ ଆରବୀ ଭାଷା ଶିକ୍ଷା କରିବାପାଇଁ ଆମର ମୁବଲିଗ୍ ମାନେ ସିରିୟା ଆସୁଥିଲେ ସେତେବେଳେ ସ୍ୱର୍ଗତ ସେମାନଙ୍କୁ ସମ୍ମାନ ଜଣାଉଥିଲେ କାରଣ ସେ କହୁଥିଲେ ଯେ, ମୁବଲିଗ୍‌ମାନେ ଖଲିଫାଙ୍କ ନିକଟରୁ ଆସିଛନ୍ତି ଏବଂ ଦ୍ୱିତୀୟତଃ ସେମାନେ ନିଜ ଜୀବନକୁ ତବ୍‌ଲିଗ୍ କରିବା ନିମନ୍ତେ ଉତ୍ସର୍ଗୀ କରିଛନ୍ତି । ତେଣୁ କରି ଏମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଅନିବାର୍ଯ୍ୟ ।

ସିରିୟାର ପୂର୍ବତନ ସଦର ହିସାମୁଲ୍ ନକିବ୍ ସାହେବ ଯିଏ ଏବେ ତୁର୍କୀରେ ରହୁଛନ୍ତି, ସେ ଉଲ୍ଲେଖ କରିଛନ୍ତି: ସ୍ୱର୍ଗତ ଅସଂଖ୍ୟ ପ୍ରଶଂସନୀୟ ଗୁଣାବଳୀର ଅଧିକାରୀ ଥିଲେ । ତନ୍ମଧ୍ୟରେ ହଜରତ ଅକ୍‌ଦସ୍ ମସିହ୍ ମଉଦ ଆ:ସ ଓ ଆପଣଙ୍କ ଖଲିଫାମାନଙ୍କ ପ୍ରତି ଥିବା ପ୍ରେମ ଭାବନାଟି ଅଧିକ ପ୍ରଶଂସନୀୟ ଥିଲା । ସ୍ୱର୍ଗତଙ୍କ ସହିତ ମୋର କାଦିୟାନ୍ ଯାତ୍ରାକୁ ମୁଁ ଜୀବନ ସାରା କଦାପି ଭୁଲି ପାରିବି ନାହିଁ । ସେହି ଯାତ୍ରାର ପ୍ରତ୍ୟେକ କଥା ଗୋଟିଏ ଗୋଟିଏ ଚମକ୍‌ାରରେ ପରିବେଷ୍ଟିତ ଥିଲା । ମୁଁ କାଦିଆନ୍‌ରେ ସବୁ ସମୟ ତାଙ୍କ ସହିତ ରହିଥିଲି । କାଦିୟାନ୍‌ରେ ତାଙ୍କର କେବଳ ଏତିକି ହିଁ ଦୁଆ ରହିଥିଲା ହେ ପ୍ରଭୁ ଉପସ୍ଥିତ ଖଲିଫାଙ୍କ ସାହାଯ୍ୟ ଓ ସମର୍ଥନ କରନ୍ତୁ । ତାଙ୍କ ବୟସ ଓ ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ କଲ୍ୟାଣ ପ୍ରଦାନ କରନ୍ତୁ । ଆଉ ଯେତେବେଳେ ମଜ୍‌ଲିସ୍‌ରେ କୌଣସି ବ୍ୟକ୍ତି ଖଲିଫାଙ୍କ ଆଦେଶ ପଢ଼ି ଶୁଣାଉଥିଲେ, ସେତେବେଳେ ସେ କୌଣସି ଲୋକଙ୍କୁ ଅନ୍ୟ କିଛି କହିବାକୁ ସୁଯୋଗ ଦେଉନଥିଲେ କାରଣ ଖଲିଫାଙ୍କ ପୂର୍ଣ୍ଣ ଆଦେଶ ଭଲ ଭାବରେ ଲୋକମାନେ ଯେପରି ଶୁଣି ନିଅନ୍ତୁ ଏବଂ ବୁଝି ନିଅନ୍ତୁ ଏବଂ ଧ୍ୟାନ ପୂର୍ବକ ତାହାକୁ ଶୁଣନ୍ତୁ । ସ୍ୱର୍ଗତ ଜଣେ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ, କୌଣସି ବ୍ୟକ୍ତି ମୁହଁରୁ ନିଜର ପ୍ରଶଂସା ଶୁଣିବାକୁ ପସନ୍ଦ କରୁନଥିଲେ । ବରଂ ଯଦି ଏଭଳି ପରିସ୍ଥିତି ଉପୁଜୁଥିଲା, ତା'ହେଲେ ସେ କ୍ରୋଧିତ ହେଉଥିଲେ ଯେ ଏହି କଥାଗୁଡ଼ିକ ଛାଡ଼ିଦିଅନ୍ତୁ । ଅଲ୍ଲାଃ ତାଲା ଓ ତାଙ୍କ ଜମାତ୍ ହିଁ ସବୁ କିଛି । ଯମାତ୍‌ର ହିଁ ସମସ୍ତ ପ୍ରଶଂସା ଆମର କୌଣସି ଅସ୍ତିତ୍ୱ ନାହିଁ । ସେ ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକ ଅଧ୍ୟୟନ କରିବା କେବେ ବି ଛାଡ଼ିନଥିଲେ । ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ତଫ୍‌ସୀରେ କବିର୍ ପ୍ରତି ତାଙ୍କର ଗଭୀର ଅଭିରୁଚି ରହିଥିଲା । ତାଙ୍କୁ ଯେତେବେଳେ କୌଣସି ବ୍ୟକ୍ତି ପବିତ୍ର କୁର୍‌ଆନ୍‌ର କୌଣସି ବ୍ୟାଖ୍ୟା ସମ୍ପର୍କରେ ପ୍ରଶ୍ନ କରୁଥିଲା ସେତେବେଳେ ସେ ତଫ୍‌ସୀର୍ କବୀର ବ୍ୟାଖ୍ୟା ଉପସ୍ଥାପନ କରୁଥିଲେ । ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଜମାତ୍‌ର ପୁସ୍ତକଗୁଡ଼ିକୁ ଅଧ୍ୟୟନ କରୁଥିଲେ ।

ତାଙ୍କର ଭଣଜା ମୁହମ୍ମଦ ଅମାରୁଲ୍ ମିସ୍‌କି ସାହେବ୍ ଯିଏ କି ଏଠାରେ ଅର୍ଥାତ ୟୁ.କେ ରେ ରହୁଛନ୍ତି ସେ କୁହନ୍ତି ମୁଁ ଯେତେବେଳେ ୧୪ ବର୍ଷର ଥିଲି ମୁଁ ତାଙ୍କ ସହିତ ଜୁମା ନମାଜ ପଢ଼ିଥିଲି । ନମାଜରୁ ଫେରିବା ପରେ ମୁଁ ତାଙ୍କ ସହିତ ଘରକୁ ଆସିଲି ବାଟରେ ତାଙ୍କୁ ଜମାତ୍‌ର ଜ୍ଞାନ ସମ୍ପର୍କରେ ପ୍ରଶ୍ନ କଲି ସେତେବେଳେ ସେ ବିସ୍ତୃତ ଭାବରେ ମତେ ଉକ୍ତ ପ୍ରଶ୍ନର ଉତର ପ୍ରଦାନ କରିଥିଲେ । ସିରିୟାରେ ଯେତେବେଳେ ଜମାତ୍‌ର ପୁସ୍ତକ ଉପଲବ୍ଧ ନଥିଲା ସେତେବେଳେ ସେ ପରିପ୍ରେକ୍ଷୀରେ ଜମାତ୍‌ର ସଦସ୍ୟଙ୍କୁ ଜମାତ୍‌ର ଜ୍ଞାନ ସ୍ଥାନାନ୍ତିକରଣ କରିବା କ୍ଷେତ୍ରରେ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ଯେତେବେଳେ ସେ ରବୁଓ୍ୱା ଗଲେ ସେତେବେଳେ ଉର୍ଦ୍ଦୁ ପୁସ୍ତକଗୁଡ଼ିକୁ ସେ ଉର୍ଦ୍ଦୁରେ ହିଁ ପଢ଼ିବାକୁ ଉଦ୍ୟମ କରିଥିଲେ ଏବଂ ତା'ପରେ ସେ ଉର୍ଦ୍ଦୁରୁ ଅନୁବାଦ ମଧ କରିଥିଲେ । ସ୍ୱର୍ଗତ ଜଣେ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ ସେ କେବେ ହେଲେ କୌଣସି ପଦ ପଦବୀର ଲାଳସା ରଖିନଥିଲେ । ସର୍ବଦା ଜଣେ ସେବକ ଭାବରେ ରହିବାକୁ ପସନ୍ଦ କରୁଥିଲେ । ଖଲିଫତୁଲ୍ ମସିହ୍ ରାବେ ର:ଅ ତାଙ୍କୁ ଅମୀର ମଧ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ, ସେତେବେଳେ ସେ କହିଲେ ହଜୁର ! ଲୋକେ କହିବାକୁ ଲାଗିବେ ଯେ, ଅମୀର ବଂଶଗତ ଭାବରେ ବି ଚାଲିପଡ଼ିଲାଣି । ଅର୍ଥାତ ସେ ହଜୁରଙ୍କୁ ନିବେଦନ ପୂର୍ବକ କହିଥିଲେ ଯେ ହଜୁର ଯଦି ଆପଣ ମତେ ଅମୀର କରନ୍ତି ତେବେ ଲୋକମାନେ ଏହି ଆପତି କରିବେ ଯେ, ଏମାନଙ୍କ ଅମୀର ତ ବଂଶଗତ ପରମ୍ପରା ଚାଲିପଡ଼ିଛି । ତେଣୁ ଅମୀର ଆଉ କାହାକୁ କରିଦିଅନ୍ତୁ ଏବଂ ମୁଁ ତାଙ୍କୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବି । ପୁନଶ୍ଚ ସେ ନିଜ ଠାରୁ ସ୍ୱଳ୍ପ ବୟସ୍କ ଅମୀରଙ୍କୁ ନା କେବଳ ସାହାଯ୍ୟ ସହଯୋଗ କଲେ ବରଂ ତାଙ୍କର ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିଥିଲେ ଏବଂ ଏହା ସେ ଏକ ଉଦାହରଣ ସୃଷ୍ଟି କରିଦେଇଛନ୍ତି ।

ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ । ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ତାଙ୍କର ସମସ୍ତ ଦୁଆକୁ ସ୍ୱୀକାର କରି ତାଙ୍କର ପତ୍ନୀଙ୍କ ସପକ୍ଷରେ ପୁରଣ କରନ୍ତୁ ଯଦ୍ୱାରା ସେ ଅହେମଦୀୟତକୁ ସ୍ୱୀକାର କରିବାର ସାମର୍ଥ୍ୟ ଲାଭ କରିବେ । ଆମିନ୍ । ନମାଜ ଜୁମା ପରେ ଇନ୍‌ଶାଅଲ୍ଲାଃ ତାଲା ମୁଁ ତାଙ୍କର ନମାଜ ଯନାଜାଃ ଗାଏବ ପାଠ କରିବି ।

⌘⌘⌘⌘⌘⌘⌘⌘⌘⌘

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**